## ବିଦ୍ୟୁତ ସଂସ୍ପର୍ଶରେ ଆସି ବଳଦ ମୃତ

କର୍ଲାମୁଣ୍ଡା,(ଡି.ଏନ.ଏ.): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରାଜପୁର ପଞ୍ଚାୟତ ସୁରୁଜୁଲି ଗାଁରେ ମଙ୍ଗଳବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଏକ ବଳଦର ମୃତ୍ୟୁ ହୋଇଥିବା ଜଣାପଡିଛି। ସୂଚନା ମତେ ଏହି ଗାଁର ଭୋପାଲ ରଣାଙ୍କ ବଳଦ ଗାଁରେ ଚଲୁଥିଲେ। ସେଠାରେ ଥିବା ଏକ ମୁକୁଳା ଟ୍ରାନ୍ସଫର୍ମର ସଂସ୍ପର୍ଶରେ ଆସି ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିବା ପ୍ରତ୍ୟକ୍ଷଦର୍ଶୀଙ୍କଠାରୁ ଜଣାପଡ଼ିଛି। ତେବେ ବଳଦ ମାଲିକଙ୍କୁ କ୍ଷତିପୂରଣ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ବିଦ୍ୟୁତ ବିଭାଗ ଯନ୍ତ୍ରୀ ପ୍ରମୋଦ ପାତ୍ରଙ୍କୁ ପଚାରିବାରୁ ବଳଦର କ୍ଷତିପୂରଣ ଯୋଗାଇ ଦେବାକୁ ଚେଷ୍ଟା ଚାଲିଛି ବୋଲି କହିଛନ୍ତି।

# ବନ୍ୟା ଉଜାଡ଼ିଲା ଜୀବିକା

- କମିଛି ଜଳସ୍ତର, ଥମିନି ଦୁର୍ଦ୍ଦଶା
- ଟିଖିଲି ଗ୍ରାମ ଏବେବି ଜଳବନ୍ଦୀ
- ଧାନ, ପରିବା ଫସଲ ଉଜୁଡ଼ିଲା
- ଜିଲାପାଳ, ଏସ୍‌ପିଙ୍କ ପରିଦର୍ଶନ

ଅମ୍ବାଭୋନା,୧୬।୮(ଡି.ଏନ.ଏ)

କ୍ରମାଗତ ଲଘୁଚାପ ଜନିତ ଲଗାଣ ବର୍ଷା ସାଙ୍ଗକୁ ଛତିଶଗଡ଼ କଲ୍‌ମା, ସାରାଡ଼ିହି, ସରଗୁଜା ବ୍ୟାରେଜ ଏବଂ ରାୟପୁର ସ୍ଥିତ ଗାଁଗରେଲ ଡ୍ୟାମ୍‌ରୁ ମହାନଦୀକୁ ଅଧିକ ବନ୍ୟାଜଳ ଛଡ଼ାଯିବା ଯୋଗୁ ମହାନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଫଳରେ ହୀରାକୁଦ ଜଳଭଣ୍ଡାରର ପଛୁଆ ପାଣି ୫ଦିନ ହେଲା ବରଗଡ଼ ଜିଲା ଅମ୍ବାଭୋନା ବ୍ଲକର ଟିଖିଲି, ଅନ୍ତରାଡ଼ି, ଘୁଘୁରାପାଲି, ବେନିଆପାଲି, ବରଙ୍ଗାକୋଟ୍ ଆଦି ଗ୍ରାମର ତଳିଆ ଅଞ୍ଚଳରେ ଥିବା ଚାଷଜମି ଉପରେ ୫ ଫୁଟ୍‌ର ବନ୍ୟାଜଳ ପ୍ରବାହିତ ହୋଇଛି। ଏଥିଯୋଗୁ ଧାନ, ପରିବା ଚାଷ ଉଜୁଡ଼ି ଯାଇଛି। ତିନିଦିନ ଧରି ବନ୍ୟାଜଳ ଟିଖିଲି ଗ୍ରାମକୁ ଜଳବନ୍ଦୀ କରି ରଖିଛି। ଅନ୍ତରାଡ଼ି, ଘୁଘୁରାପାଲି ଆଦି ଗ୍ରାମର ହରିଜନ ବସ୍ତିରେ ପାଣି ମାଡ଼ି ଯାଇ ବହୁ କଞ୍ଚା ଘର, ଗୁହାଳ ଭାଙ୍ଗି ଯାଇଛି। ଗାଈଗୋରୁଙ୍କ ପାଇଁ ସଂରକ୍ଷିତ ପାଳଗଦା ବନ୍ୟାରେ ଭାସି ଯାଇଛି। ବନ୍ୟା ବିପନ୍ନଙ୍କୁ ଆଶ୍ରୟସ୍ଥଳୀରେ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଛି। ଏହି କ୍ରମରେ ବରଗଡ଼ ଜିଲାପାଳ ମୋନିଷା ବାନାର୍ଜୀ, ଏସ୍‌ପି ସ୍ମିତ୍ ପି. ପରମାର୍, ବିଧାୟକ ସୁଶାନ୍ତ ସିଂ ବନ୍ୟାଞ୍ଚଳ ପରିଦର୍ଶନ କରି ବନ୍ୟା ବିପନ୍ନଙ୍କ ଦୁଃଖ ଦୁର୍ଦ୍ଦଶା ବୁଝିଛନ୍ତି। ବନ୍ୟା କ୍ଷତିଗ୍ରସ୍ତଙ୍କୁ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ପାଣ୍ଠିରୁ କ୍ଷତିପୂରଣ ରାଶି ଯୋଗାଇ ଦିଆଯିବ ବୋଲି ଜିଲାପାଳ ବାନାର୍ଜୀ ସୂଚନା ଦେଇଛନ୍ତି।

ଲୋକମାନଙ୍କ ଜୀବନ, ଜୀବିକା ଏବଂ ବଞ୍ଚିବାର ରାହାକୁ ବନ୍ୟା ଉଜାଡ଼ି ଦେଇଛି। ମତ୍ସ୍ୟଜୀବୀଙ୍କ ମାଛମରା ଜାଲ, ଡଙ୍ଗା ଭସି ଯାଇଛି। ଧାନ, ଚାଉଳ, ଗହମ, ମୁଗ, ବିରି ଆଦି ଓଦା ହୋଇ ନଷ୍ଟ ହୋଛି। ଟିଖିଲି, ଅନ୍ତରାଡି, ବେନିଆପାଲି ଗ୍ରାମରେ ବନ୍ଧ, କଟା, ଗାଡ଼ିଆ ଆଦି ସ୍ଥାନରେ ମାଛଚାଷ କରିଥିବା ଚାଷୀମାନେ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛନ୍ତି। ଜାଳେଣି କାଠ, ଗୋବର ଜାଳେଣି ଆଦି ବନ୍ୟାରେ ଭାସି ଯାଇଛି। ପରିବାରର ଜଣେ ଲେଖାଏଁ ଘର ଜଗି ରହିଥିବାବେଳେ ଅନ୍ୟମାନେ ବନ୍ୟା ଆଶ୍ରୟସ୍ଥଳୀରେ ରହିଛନ୍ତି। ଗ୍ରାମରୁ ବନ୍ୟାଜଳ କମିଥିଲେ ସୁଦ୍ଧା ଏବେ ମଧ୍ୟ ଗ୍ରାମ ଜଳବନ୍ଦୀ ହୋଇ ରହିଛି। ଆଗକୁ ପୁଣି ଲଘୁଚାପ ଜନିତ ବର୍ଷା ଆଶଙ୍କା ଥିବାରୁ ଉକ୍ତ ଗ୍ରାମବାସୀ ଚିନ୍ତିତ ହୋଇପଡ଼ିଛନ୍ତି।



ବରଗଡ଼ ଜିଲାପାଳ,ଏସ୍‌ପି ବନ୍ୟାଞ୍ଚଳ ପରିଦର୍ଶନ କରୁଛନ୍ତି।

## ସଂକ୍ଷେପରେ

### ଭାଲୁ ଆକ୍ରମଣରେ ମହିଳା ଗୁରୁତର

କୋକସରା,୧୬।୮(ଡି.ଏନ.ଏ.): ଭାଲୁ ଆକ୍ରମଣରେ ମହିଳା ଗୁରୁତର ହୋଇଥିବା ଜଣାପଡିଛି । କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ପଞ୍ଚାୟତ ପାତ୍ରବସା ଗାଁର ମହିଳା କ୍ଷୀର ଚଲାନଙ୍କୁ ମଙ୍ଗଳବାର ସକାଳୁ ଭାଲୁ ଆକ୍ରମଣ କରିଛି। ଜଙ୍ଗଲକୁ ଲାଗି ରହିଥିବା ଚାଷ ଜମିକୁ ଯାଉଥିବା ବେଳେ ଅତର୍କିତ ଭାବେ ଭାଲୁ ଆକ୍ରମଣ କରିଥିଲା। ସେ ଚିତ୍କାର କରିବାରୁ ନିକଟସ୍ଥ ଚାଷଜମିରେ କାମ କରୁଥିବା ଲୋକମାନେ ଆସି ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ସହାୟତାରେ କୋକସରା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ ଆମପାଣି କନ୍ଦାଗଡ଼ ବିଟ ଜଙ୍ଗଲ ବିଭାଗ ଫରେଷ୍ଟ ଗାର୍ଡ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ଗୁରୁତର ମହିଳାଙ୍କ ଚିକିତ୍ସା କରିବା ସହ ସରକାରୀ ନିୟମ ଅନୁସାରେ କ୍ଷତିପୂରଣ ଦିଆଯିବ ବୋଲି ସେ କହିଛନ୍ତି।

### ନାଳରେ ଭାସିଯାଇ ବୃଦ୍ଧା ମୃତ

ଧର୍ମଗଡ଼,୧୬।୮(ଡି.ଏନ.ଏ.): କଳାହାଣ୍ଡି ଜିଲାରେ ଗତ ୩ ଦିନ ଧରି ଲଗାଣ ବର୍ଷା ଯୋଗୁ ବିଭିନ୍ନ ସ୍ଥାନରେ ବନ୍ୟା ପରିସ୍ଥିତି ଉପୁଜିଛି। ଏପରିସ୍ଥଳେ ଧର୍ମଗଡ଼ ବ୍ଲକ କାଶିବାହାଲ ଗାଁରେ ସୋମବାର ନାଳରେ ଭାସି ଯାଇ ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ତାଙ୍କ ନାମ ଜାନକୀ ମୁଣ୍ଡା ବୋଲି ଜଣାପଡିଛି। ଗାଁ ନିକଟ ନାଳକୁ ଜାନକୀ ଗାଧୋଇବାକୁ ଯାଇଥିଲେ। ବନ୍ୟା ଜଳରେ ଭାସି ଯାଇ ତାଙ୍କର ମୃତ୍ୟୁ ହୋଇଛି। ଜାନକୀଙ୍କ ମୃତଦେହକୁ ଗ୍ରାମବାସୀ ଜବତ କରିଛନ୍ତି। ଖବର ପାଇ ପୋଲିସ ଓ ତହସିଲଦାର ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛନ୍ତି। ପରିବାରକୁ ବ୍ଲକ ପ୍ରଶାସନ ପକ୍ଷରୁ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ତହସିଲଦାର ହରେକୃଷ୍ଣ ବାରିହା ସୂଚନା ଦେଇଛନ୍ତି।

### ଡ୍ରୋନ୍ କ୍ୟାମେରା ବୁଲିବା ଘଟଣା: ଲୋକେ ଆତଙ୍କିତ

କର୍ଲାମୁଣ୍ଡା,୧୬।୮(ଡି.ଏନ.ଏ.): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକର ବିଭିନ୍ନ ଗାଁରେ ରାତିରେ ଡ୍ରୋନ କ୍ୟାମେରା ବୁଲୁଥିବା ନେଇ ଲୋକେ ଆତଙ୍କିତ ଅବସ୍ଥାରେ ଥିବା ଦେଖିବାକୁ ମିଳିଛି। ଗତ କିଛି ଦିନ ହେଲା ଏ ଅଞ୍ଚଳରେ ଚୋରଙ୍କ ଗୁଜବ ଭୟ ଲାଗିରହିଥିବେଳେ ରାତି ୮ଟାରୁ ଡ୍ରୋନ କ୍ୟାମେରା ବୁଲୁଥିବା ଦେଖି ଲୋକେ ଭୟରେ ଘରୁ ବାହାରି ପାରୁ ନ ଥିବା ଜଣାପଡିଛି। ସୂଚନା ମତେ ବ୍ଲକର କର୍ଲାମୁଣ୍ଡା, ରିଞ୍ଜା, ପୁଟିଗାଁ, ସରାବାହାଲି, ବାଞ୍ଜିପଦର, କଣ୍ଡରେଇ, ରିଷିଡା, ଭଟାପଲା, ବୋରପଦର, ଯୋରାଡବ୍ରା ଅଞ୍ଚଳରେ ନିୟମିତ ଭାବେ ଡ୍ରୋନ କ୍ୟାମେରା ରାତି ୮ଟାରୁ ଗାଁରେ ବୁଲିବା ଆରମ୍ଭ କରୁଛି। ତେବେ କିଏ ଓ କାହିଁକି ଡ୍ରୋନ କ୍ୟାମେରା ଉଡାଉଛି, ପୋଲିସ ପାଖରେ କୌଣସି ସନ୍ତୋଷ ଜନକ ଉତ୍ତର ମିଳି ନ ଥିବାରୁ ଲୋକେ ଏବେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଅନ୍ୟପଟେ କର୍ଲାମୁଣ୍ଡା ଓ ରିଷିଡା ପୋଲିସ ପକ୍ଷରୁ ବିଭିନ୍ନ ଛକରେ ପାଟ୍ରୋଲିଂ ଆରମ୍ଭ କରିଥିଲେ ହେଁ ଅଳ୍ପ ସଂଖ୍ୟକ କର୍ମଚାରୀ ଯୋଗୁ ସବୁ ଏରିଆରେ ପାଟ୍ରୋଲିଂ ସମ୍ଭବ ହୋଇପାରୁ ନ ଥିବା ଜିଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ କହିଛନ୍ତି।

# ନଅଗାଁ(ଖ) ହେବ ନିଶାମୁକ୍ତ ଗାଁ



ନିଶାମୁକ୍ତ ଗାଁ ଗଠନ ପାଇଁ ଆହୂତ ବୈଠକରେ ଉପସ୍ଥିତ ଯୁବଗୋଷ୍ଠୀ।

## ବୈଠକ କରି ଅଣ୍ଟା ଭିଡିଲେ ଯୁବଗୋଷ୍ଠୀ

ଲୋଇସିଂହା,୧୬।୮(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ତଥା ଆଗଲପୁର ବ୍ଲକ ନଅଗାଁ(ଖ) ପଲ୍ଲୀଆଲୋକ ପାଠାଗାରଠାରେ ଗାଁକୁ ନିଶାମୁକ୍ତ ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଯୁବଗୋଷ୍ଠୀଙ୍କୁ ନେଇ ଆହୂତ ବୈଠକରେ ଅନୁଷ୍ଠାନ ସମ୍ପାଦକ ପ୍ରଶାନ୍ତ କୁମାର ନାୟକ ଅଧ୍ୟକ୍ଷତା କରିଥିଲେ। ଗାଁରେ ମଦ ସମେତ ବିଭିନ୍ନ ନିଶା କାରବାର ବୃଦ୍ଧି ପାଉଥିବାରୁ ବୈଠକରେ ଚନ୍ତାବ୍ୟକ୍ତ କରାଯାଇଥିଲା। ଗାଁର ଶିକ୍ଷାନୁଷ୍ଠାନ, ଧର୍ମାନୁଷ୍ଠାନ ଏବଂ ଜନଗହଳିପୂର୍ଣ୍ଣ ସ୍ଥାନମାନଙ୍କରେ ମଦ ପାଉଚ ପଡୁଥିବାରୁ କୋମଳମତି ଛାତ୍ରୀଛାତ୍ରଙ୍କ ଉପରେ କୁପ୍ରଭାବ ପଡୁଛି। ପୋଲିସ ଓ ଅବକାରୀ ବିଭାଗର ଜାଣତରେ ଗାଁରେ କୁଚିଆ ମଦବିକ୍ରି ହେଉଥିବା ବୈଠକରେ କଥା ଉଠିଥିଲା । କୁଚିଆ ମଦ ବିକ୍ରିକୁ ଦମନ ପାଇଁ ପୋଲିସ ଓ ଅବକାରୀ ବିଭାଗକୁ ଜଣାଇ ମଧ୍ୟ ଗ୍ରାମବାସୀଙ୍କୁ ନିରାଶ ହେବାକୁ ପଡିଥିବା ଆଲୋଚନା ବେଳେ କୁହାଯାଇଥିଲା। ଗ୍ରାମରେ କୁଚିଆ ମଦ ବିକ୍ରି ବନ୍ଦ ଲାଗି ଗ୍ରାମ୍ୟସ୍ତରରେ ମହିଳା କମିଟି ଗଠନ କରି ଅତୀତରେ ଜରିମାନା ଆଦାୟ କରାଯାଇଥିଲା। ହେଲେ ଏହି କମିଟି ଏବେ ସୁପ୍ତ ଅବସ୍ଥାରେ ରହିଛି। ଏହି ପରିସ୍ଥିତିରେ ଯୁବଗୋଷ୍ଠୀ ସହଯୋଗରେ ଗ୍ରାମର ବୟୋଜ୍ୟେଷ୍ଠମାନଙ୍କୁ ନେଇ ପୁଣି ନୂତନ କମିଟି ଗଠନ ପାଇଁ ପ୍ରସ୍ତାବ ପାରିତ ହୋଇଛି।

# ପ୍ରତାରଣା ବିରୋଧରେ ହେବ ଦୁର୍ବାର ଆନ୍ଦୋଳନ



ବଲାଙ୍ଗୀର କେନ୍ଦୁପତ୍ର ସିସିଏଫ ପ୍ରଦୀପ କୁମାର ମହାପାତ୍ରଙ୍କ ସହ ଏକ ପ୍ରତିନିଧି ମଣ୍ଡଳୀ ଆଲୋଚନା କରୁଛନ୍ତି ।

## ବଲାଙ୍ଗୀର ସର୍କଲସ୍ତରୀୟ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ କର୍ମକର୍ତ୍ତା ସଭାରେ ନିଷ୍ପତ୍ତି

ବଲାଙ୍ଗୀର ଅଫିସ,୧୬।୮

ଓଡ଼ିଶା କେନ୍ଦୁପତ୍ର ସଂସ୍ଥାରେ କାର୍ଯ୍ୟରତ ୧୩ଲକ୍ଷ କେନ୍ଦୁପତ୍ର ତୋଳାଳି, ବନ୍ଧେଇ ଶ୍ରମିକ, ସିଜିନାଲ କର୍ମଚାରୀଙ୍କୁ ରାଜ୍ୟ ସରକାର ବାରମ୍ବାର ପ୍ରତାରିତ କରଛନ୍ତି। ଏହାର ପ୍ରତିବାଦରେ ଏକ ଦୁର୍ବାର ଆନ୍ଦୋଳନ କରିବା ପାଇଁ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ବଲାଙ୍ଗୀର ସର୍କଲସ୍ତରୀୟ ସଂଘର କର୍ମକର୍ତ୍ତା ସଭାରେ ନିଷ୍ପତ୍ତି ନିଆଯାଇଛି। ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ରାଜ୍ୟ ସମ୍ପାଦକ କୋକିଳ ସାହୁଙ୍କ ସଭାପତିତ୍ୱରେ ବଲାଙ୍ଗୀର ଯାଦବ ଭବନଠାରେ ପଦ୍ମପୁର, ଖରିଆର, ଟିଟିଲାଗଡ, ପାଟଣାଗଡ, ବଲାଙ୍ଗୀର, କଳାହାଣ୍ଡି କେନ୍ଦୁପତ୍ର ଡିଭିଜନର ଶତାଧିକ ସଂଘର କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। କେନ୍ଦୁପତ୍ର ଶ୍ରମିକ ନେତା ତଥା ପଦ୍ମପୁର ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ ମୁଖ୍ୟ ଅତିଥିଭାବେ ଯୋଗଦେଇ ଥିଲେ। ଖରିଆରୁ ଯଦୁମଣି ପାଣିଗ୍ରାହୀ, ପାଟଣାଗଡରୁ ଶିବାନନ୍ଦ ପରିଛା,କଳାହାଣ୍ଡିରୁ ଚିରାଗ ସିଂଦେଓ, ଟିଟିଲାଗଡରୁ ଛବିଳ ସିଂ ଚିନ୍ଦା, ଚିତ୍ରସେନ ବଗର୍ତ୍ତି ଆଦି ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ୨୦୧୩ ମସିହାରେ ରେଢାଖୋଲ କେନ୍ଦୁପତ୍ର ଶ୍ରମିକ ସମାବେଶରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇ କେନ୍ଦୁପତ୍ର ସଂସ୍ଥାରେ କାର୍ଯ୍ୟରତ ସିଜିନାଲ କର୍ମଚାରୀଙ୍କ ପାଇଁ ଚାକିରୀ ସର୍ତ୍ତାବଳୀ ଲାଗୁ କରାଯିବ ବୋଲି ଘୋଷଣା କରିଥିଲେ। ହେଲେ ଆଜି ପର୍ଯ୍ୟନ୍ତ ଚାକିରୀ ସର୍ତ୍ତାବଳୀ ଲାଗୁ କରାଯାଇ ନ ଥିବାରୁ ଓଡ଼ିଶା ସରକାରଙ୍କ ଏଭଳି ଆଭିମୁଖ୍ୟକୁ ସଭାରେ ଘୋର ନିନ୍ଦା କରାଯାଇଥିଲା। ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବରେ ଶ୍ରମିକ ମଙ୍ଗଳ ପାଣ୍ଠିରୁ ପୂର୍ବପରି କେନ୍ଦୁପତ୍ର ତୋଳାଳି ପରିବାରର ପୁଅ ଝିଅମାନଙ୍କୁ ଛାତ୍ରବୃତ୍ତି ଓ ବିବାହ ସହାୟତା ଯୋଗାଇ ଦେବା, ଛତିଶଗଡ ରାଜ୍ୟ ପରି କେନ୍ଦୁପତ୍ର ସଂସ୍ଥାରୁ ହେଉଥିବା ଆୟର ୧୦୦ ଭାଗ ବୋନସ ତୋଳାଳି ଓ ଶ୍ରମିକ ମାନଙ୍କୁ ଯୋଗାଇ ଦେବା, କେନ୍ଦୁପତ୍ର ସଂସ୍ଥାକୁ ବିଭିନ୍ନ ଡିଭିଜନରେ ଚାଲିଥିବା ଘରୋଇକରଣକୁ ବନ୍ଦ କରିବା, ସର୍କଲ ସ୍ତରରେ ଖାଲିଥିବା ହେଡ ଚେକର, ସର୍କଲ ଚେକର ପଦବୀ ପୂରଣ କରିବା, ହେଡ ଚେକର ମାନଙ୍କୁ ସ୍ଥାୟୀ ନିଯୁକ୍ତି ଦେବା ଆଦି ପ୍ରସ୍ତାବ ପାରିତ ହୋଇଛି। ଏହି ଦାବିକୁ ନେଇ ଓଡ଼ିଶା ସରକାର ଓଡ଼ିଶାର ୧୩ ଲକ୍ଷ କେନ୍ଦୁପତ୍ର ଶ୍ରମିକଙ୍କୁ କରୁଥିବା ପ୍ରତାରଣା ବିରୋଧରେ ଦୁର୍ବାର ଆନ୍ଦୋଳନ ପାଇଁ ସଭାରେ ସର୍ବ ସମ୍ମତି କ୍ରମେ ପ୍ରସ୍ତାବ ପାରିତ କରାଯାଇଛି। ସଭାପରେ ବଲାଙ୍ଗୀର ସର୍କଲର ବିଭିନ୍ନ ସମସ୍ୟାକୁ ବଲାଙ୍ଗୀର କେନ୍ଦୁପତ୍ର ସିସିଏଫ ପ୍ରଦୀପ କୁମାର ମହାପାତ୍ରଙ୍କ ସହ ଏକ ପ୍ରତିନିଧି ମଣ୍ଡଳୀ ଆଲୋଚନା କରିଥିଲେ।

# ବ୍ଲକ୍ ଅଫିସରେ ଦୁର୍ବୃତ୍ତଙ୍କ ଆକ୍ରମଣ

## ଜଣେ ଗୁରୁତର, ୨ଆକ୍ରମଣକାରୀ ଫେରାର

ବଲାଙ୍ଗୀର ଅଫିସ,୧୬।୮

ବଲାଙ୍ଗୀର ଜିଲା ପୁଇଁତଲା ବ୍ଲକ୍ ଅଫିସ ଭିତରେ ଜଣେ ବ୍ୟକ୍ତିଙ୍କୁ ଦୁଇଜଣ ଦୁର୍ବୃତ୍ତ ଆକ୍ରମଣ କରି ଲହୁଲୁହାଣ କରିବା ପରେ ଫେରାର ହୋଇଯାଇଛନ୍ତି। ଏହି ଆକ୍ରମଣ ବେଳେ ବ୍ଲକ୍ କ୍ୟାମ୍ପସରେ ଶତାଧିକ ବ୍ୟକ୍ତି ଉପସ୍ଥିତ ଥିଲେ ମଧ କେହି ଭୟରେ ଆକ୍ରମଣକାରୀଙ୍କୁ ରୋକିବାକୁ ଚେଷ୍ଟା କରି ନ ଥିବା ଜଣାପଡିଛି। ସୂଚନା ଅନୁଯାୟୀ ବୁଢ଼ୀସିଣ୍ଡୋଲ ଗାଁର ଘାସିରାମ ବହିଦାର କୌଣସି କାମରେ ବ୍ଲକ୍‌କୁ ଆସି ଗ୍ରାମୀଣ ଆବାସ ଅଫିସ ଭିତରେ ବସିଥିଲେ। ଏତିକିବେଳେ ଦୁଇଜଣ ଦୁର୍ବୃତ୍ତ ଉକ୍ତ ଅଫିସ ଭିତରକୁ ପଶି ଘାସିରାମଙ୍କ ସହ ଯୁକ୍ତିତର୍କ କରିଥିଲେ। ଏହାପରେ ତାଙ୍କୁ ସେଠାରେ ଆକ୍ରମଣ କରିଥିଲେ। ଆକ୍ରମଣରେ ଘାସିରାମଙ୍କ ମୁଣ୍ଡ ଫାଟି ପ୍ରବଳ ରକ୍ତସ୍ରାବ ହୋଇଥିଲା। ସେହି ଅଫିସରେ ଥିବା ଅନ୍ୟ ଲୋକମାନେ ଭୟରେ ଦୌଡାଦୌଡି ଆରମ୍ଭ କରିଦେଇଥିଲେ। ଘଟଣା ଘଟିବା ସମୟରେ ବିଡିଓ ଉପସ୍ଥିତ ନ ଥିଲେ। ପରେ ଘଟଣା ସମ୍ପର୍କରେ ବ୍ଲକ୍ ଅଫିସ ତରଫରୁ ପୁଇଁତଲା ଥାନାକୁ ସୂଚନା ଦିଆଯାଇଥିଲା। ହସ୍ପିଟାଲକୁ ଆମ୍ବୁଲାନ୍ସ ପଠାଇବା ପାଇଁ ନିବେଦନ କରାଯାଇଥିଲା। ୨କିମିଦୂରରେଥିବା ହସ୍ପିଟାଲ ଏବଂ ୫ ଶହ ମିଟର ଦୂରରେ ଥିବା ପୁଇଁତଲା ଥାନାରୁ ଆମ୍ବୁଲାନ୍ସ ଏବଂ ପୋଲିସ ପହଞ୍ଚିବାକୁ ଅଧଘଣ୍ଟାରୁ ଅଧିକ ସମୟ ଲାଗିଥିଲା। ପରେ ବିଡିଓ ଯୁଧିଷ୍ଠିର ନାଏକ ବ୍ଲକ୍‌ରେ ପହଞ୍ଚି ଥାନା ଓ ବ୍ଲକ୍ ଅଧକ୍ଷଙ୍କୁ ସୂଚନା ଦେଇଥିଲେ। ଏହି ବ୍ଲକ୍ ଅଫିସ ଭିତରେ ବାରମ୍ବାର ଦୁର୍ବୃତ୍ତ ଅପରାଧ ଏବଂ ହିଂସାକାଣ୍ଡ ଘଟାଉଥିଲେ ମଧ ପୋଲିସ ଏହା ରୋକିବାରେ ବିଫଳ ହୋଇଛି। ପଞ୍ଚାୟତ ନିର୍ବାଚନକୁ ନେଇ ବ୍ଲକ୍ ଅଫିସ ଭିତରେ ଏହି ଆକ୍ରମଣ ଘଟିଥିବା ଚର୍ଚ୍ଚାର ବିଷୟ ହୋଇଛି। ପୋଲିସ ଘଟଣା ସମ୍ପର୍କରେ ତଦନ୍ତ ଆରମ୍ଭ କରିଥିବା ଏସ୍‌ଡିପିଓ ତୋଫାନ ବାଗ କହିଛନ୍ତି।

# ତଦନ୍ତ ଦାବିରେ ବ୍ଲକ ଅଫିସରେ ତାଲା



ବ୍ଲକ ଅଫିସ୍‌ରେ ତାଲା ପକାଇ ବିକ୍ଷୋଭ କରାଯାଉଛି।

## ବିଧାୟକ ପାଣ୍ଠି ଆତ୍ମସାତ୍ ଘଟଣାରେ କାର୍ଯ୍ୟାନୁଷ୍ଠାନ

ସମ୍ବଲପୁର,୧୬।୮(ବ୍ୟୁରୋ)

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ କୟାକୁଦ ପଞ୍ଚାୟତରେ ବିଧାୟକ ପାଣ୍ଠିର ଆତ୍ମସାତ୍ ଘଟଣାରେ କାର୍ଯ୍ୟାନୁଷ୍ଠାନ ହୋଇଛି। ବିଡିଓ ସୁରଜ ବିଶ୍ୱାଳଙ୍କ ନିର୍ଦ୍ଦେଶ କ୍ରମେ ଦାୟିତ୍ୱରେ ଥିବା ଜେଇ ଓ ଏଇ ବ୍ଲକ ଜମାଖାତାରେ ମୋଟ ୯ ଲକ୍ଷ ୫୦ ହଜାର ଟଙ୍କା ଜମା କରି ଭରଣା କରିଛନ୍ତି। ଅନ୍ୟପଟେ ଏହାର ଉପଯୁକ୍ତ ତଦନ୍ତ ଦାବି କରି କଂଗ୍ରେସ କର୍ମୀ ଓ ଅଞ୍ଚଳବାସୀ ମଙ୍ଗଳବାର ବ୍ଲକ ଅଫିସ ଗେଟ୍‌ରେ ତାଲା ପକାଇ ଧାରଣା ଦେଇଥିଲେ। ପରେ ଥାନା ଅଧିକାରୀ ରାଜକୁମାର ବିଶ୍ୱାଳ ପହଞ୍ଚି ସେମାନଙ୍କ ସହ ଆଲୋଚନା କରିଥିଲେ। ୧୫ଦିନ ଭିତରେ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ପରେ ଜିପିଓଙ୍କ ଜରିଆରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ସେମାନେ ଅଭିଯୋଗ କରିଥିଲେ, କୟାକୁଦ ପଞ୍ଚାୟତରେ ବିଧାୟକ ପାଣ୍ଠି ଆତ୍ମସାତ୍ କରାଯାଇଛି। ଏଥିରେ ବିଜେଡି କର୍ମୀ ଓ ରେଢ଼ାଖୋଲ ବିଧାୟକ ତଥା ମନ୍ତ୍ରୀ ରୋହିତ ପୂଜାରୀଙ୍କ ପାଖ ଲୋକଙ୍କ ସମ୍ପୃକ୍ତି ରହିଛି। କେବଳ ଯୁଯୁମୁରା ବ୍ଲକ ନୁହେଁ ନାକଟିଦେଉଳ, ମାନେଶ୍ୱର, ରେଢାଖୋଲ ବ୍ଲକ ବିଧାୟକ ପାଣ୍ଠିରେ ହୋଇଥିବା ପ୍ରକଳ୍ପଗୁଡିକର ଯାଞ୍ଚ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। କୟାକୁଦ ପଞ୍ଚାୟତ ଆମପାଲି ଗ୍ରାମରେ ଏମ୍‌ପି ଲ୍ୟାଡ୍‌ରୁ ଅନୁଦାନ ଆସିଥିଲା। ହେଲେ ରାମବଡମାଲ ଗ୍ରାମରେ ଅଳ୍ପ କାମ କରି ସମସ୍ତ ଟଙ୍କାର ବିଲ୍ କରି ଦିଆଯାଇଛି। ସେହିପରି ବିଧାୟକ ପାଣ୍ଠିରୁ ଘୋଡାଡିଆଁ, ରାମବଡମାଳ ଗ୍ରାମରେ କାମ ନ କରି ବିଲ୍ ଉଠାଇ ଦେଇଛନ୍ତି। ସରକାରୀ ଅଧିକାରୀ ରାଜନେତାଙ୍କ ସହ ମିଳିମିଶି ହରିଲୁଟ କରିଛନ୍ତି ବୋଲି ଅଭିଯୋଗ କରିଥିଲେ। ଧାରଣାରେ କଂଗ୍ରେସ ନେତା ଆସଫ ଅଲ୍ଲି ଖାନ, କୟାକୁଦ ସରପଞ୍ଚ ଜେମାମଣି ପ୍ରଧାନ, ବିଜୟ ମୁଣ୍ଡା, ନିରୁପମା ବିଶ୍ୱାଳ, ଚକ୍ରଧର ମିର୍ଦ୍ଧା, ମକରୁ ମିର୍ଦ୍ଧା, ସୁରେଶ ପ୍ରଧାନ, ବେଦପ୍ରକାଶ ବିଶ୍ୱାଳ ପ୍ରମୁଖ ସାମିଲ ଥିଲେ।

ପ୍ରଥମ ଜନ୍ମଦିନ ଶୁଭେଚ୍ଛା
ଆୟୁଷମାନ୍ ପଣ୍ଡା
ଗ୍ରାମ/ପୋ- କୋଦଳା, ଗଞ୍ଜାମ
ଆଜି ପ୍ରଥମ ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ଈଶ୍ୱର ତୋତେ ଦୀର୍ଘାୟୁ କରିବା ସହ ତୋର ଭବିଷ୍ୟତ ଉଜ୍ଜ୍ୱଳ କରାନ୍ତୁ।
ଶୁଭେଚ୍ଛା ସହ: ବବୁଲ୍ ଭାଇ ଓ ସ୍ମୃତି ଦିଦି ।
ଧ-୧୨୭୬

School of Pharmacy & Allied Health Sciences
Centurion University
Affiliated to Directorate of Medical Education & Training, Odisha
Recognised by Health & Family Welfare Department, Govt. of Odisha
SHANKARBHOJI, DURGAPALI CHOWK, BALANGIR
ADMISSION OPEN
D.M.L.T.
DIPLOMA IN MEDICAL LABORATORY TECHNOLOGY
2 Years Regular Course | Eligibility : +2 Science
Explore your Career in Medical Profession 9777374923 / 7008170970

SMiLE JAYADURGA CHEMICALS
(AN ISO 9001-2015 Certified)
Deals Raw Materials of:
• White Phenyle
• Black Phenyle
• Green Phenyle
• Liquid detergent
• Detergent Powder
• Packaging Materials
• Hand Wash
• Dish Wash
• Toilet Cleaner
• Glass Cleaner
• Sanitizer
• Agarbati
Free Training on all products
Other Chemicals
• Bleaching Powder • Alum
• Castic Soda • Acetic Acid
• HCL Acid • Dolomite Powder
• Sulphuric Acid • French chalk powder
Plot No.843, Palasuni, Bhubaneswar-751010
Mob.No.-9938069796, 9861049796

ମନେ ପଡ଼ନ୍ତି

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
୰ଲକ୍ଷ୍ମୀପ୍ରିୟା ସୁତାର
ସ୍ୱାମୀ: ୰ନାରାୟଣ ସୁତାର
ଜଗଦଳପୁର, ପାଟକୁରା
ଆବିର୍ଭାବ: ୧୪।୧୨।୧୯୪୮
ତିରୋଧାନ: ୦୬।୦୮।୨୦୨୨
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଆମର ବିନମ୍ର ପ୍ରାର୍ଥନା ।
-:ଶୋକସନ୍ତପ୍ତ:-
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୧୨୭୫

୪ର୍ଥ ଶ୍ରାଦ୍ଧବାର୍ଷିକୀ
୰ସୁବଳ ଚରଣ ବେହେରା
ନୟାଚୌକ, ମଧୁପାଟଣା, କଟକ
ଆବିର୍ଭାବ: ୨୭।୦୫।୧୯୩୫
ତିରୋଧାନ: ୦୧।୦୯।୨୦୧୮
ଚାହୁଁ ଚାହୁଁ ଚାରିବର୍ଷ ବିତିଗଲା। ତୁମର ଅନୁପସ୍ଥିତି ଆମ ସମସ୍ତଙ୍କ ନିକଟରେ ବିରାଟ ଶୂନ୍ୟତା ଭରି ଦେଇଛି। ତୁମେ ସଦାସର୍ବଦା ଆମ୍ଭମାନଙ୍କ ସ୍ମୃତିରେ ରହିଥିବ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ପୁଅ, ବୋହୂ, ଝିଅ, ଜ୍ୱାଇଁ ଓ ନାତି, ନାତୁଣୀ ।
ଧ-୧୨୭୧

ଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି
ସ୍ୱର୍ଗତ ଡଃ. ବୃନ୍ଦାବନ ସେନାପତି
ତିଗିରିଆ, କଟକ
ଆବିର୍ଭାବ: ୧୬।୧୧।୧୯୫୪
ତିରୋଧାନ: ୦୮।୦୮।୨୦୨୨
ଆପଣଙ୍କ ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ଆପଣଙ୍କ ତ୍ୟାଗ, ନିଷ୍ଠା, ସାଧୁତା, ଧାର୍ମିକ ଚେତନା ଏବଂ ସମସ୍ତଙ୍କ ପ୍ରତି ସ୍ନେହ ଶ୍ରଦ୍ଧାଭାବ ଆମ ପ୍ରେରଣାର ଉତ୍ସ ହେଉ। ଆଜି ଦଶାହରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ପ୍ରସନ୍ନମଣୀଙ୍କ ନିକଟରେ ପ୍ରାର୍ଥନା।
ଆତ୍ମୀୟସ୍ୱଜନ, ପରିବାରବର୍ଗ ସହିତ
ନାତି: ପୀୟୁଷ, ଝିଅ, ଜ୍ୱାଇଁ ।
ଧ-୧୨୭୪

ଦ୍ୱାଦଶାହ ଉପଲକ୍ଷେ
୰ସୁମିତ୍ରା ବିଶୋଇ
ବଡ଼ଦାଣ୍ଡସାହି, ପୁରୁଣା ଭୁବନେଶ୍ୱର
ଆବିର୍ଭାବ: ତା. ୦୮।୦୯।୧୯୪୨
ତିରୋଧାନ: ତା. ୦୬।୦୮।୨୦୨୨
ତୁମର ସ୍ନେହ, ଶ୍ରଦ୍ଧା ଓ ଦାୟିତ୍ୱବୋଧ ସବୁଦିନ ଆମକୁ ପ୍ରେରଣା ଦେଉଥିବ। ତୁମର ଶୂନ୍ୟସ୍ଥାନ ଚିରଦିନ ଅପୂରଣୀୟ ରହିବ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଲିଙ୍ଗରାଜ, ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପୁତ୍ର: ସନ୍ତୋଷ, ସନତ, ପୁତ୍ରବଧୂ: କୁନି, ଶାନ୍ତି, ସ୍ନେହ, ନାତି: ସୋନୁ, ଚିନୁ, ନାତୁଣୀ: ରୋମି, ପ୍ରୀତି, ନାତୁଣୀ ଜ୍ୱାଇଁ: ପିକୁନ୍, ନାତୁଣୀବୋହୂ: ସୁକନ୍ୟା ଓ ପରିବାରବର୍ଗ ।
ଧ-୪୮୭୩୦

# ସମ୍ଭାବ୍ୟ ବନ୍ୟା ନେଇ ଏସ୍‌ଏମ୍‌ସିର ପ୍ରସ୍ତୁତି

ସମ୍ବଲପୁର,୧୬।୮(ବ୍ୟୁରୋ)

ହୀରାକୁଦ ଜଳଭଣ୍ଡାରର ୪୦ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ହେଉଛି। ଅନ୍ୟପଟେ ମଙ୍ଗଳବାର ସମ୍ବଲପୁର ମହାନଗର ନିଗମର କେତେକ ଅଞ୍ଚଳରେ ବର୍ଷା ହୋଇଛି। ଏସ୍‌ଏମ୍‌ସି ପକ୍ଷରୁ ସମ୍ଭାବ୍ୟ ବନ୍ୟା ମୁକାବିଲା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏସ୍‌ଏମ୍‌ସି କମିଶନର ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ବୈଠକ ହୋଇଥିଲା। ଏଥିରେ ବିଭିନ୍ନ ବିଭାଗର ଅଧିକାରୀଙ୍କ ସହ ସାମାଜିକ ଅନୁଷ୍ଠାନର ସଦସ୍ୟ ଉପସ୍ଥିତ ଥିଲେ। ସହରରେ ବନ୍ୟା ପରିସ୍ଥିତି ଉପୁଜିଲେ କିଭଳି ମୁକାବିଲା କରାଯିବ ସେ ନେଇ ଆଲୋଚନା କରାଯାଇଥିଲା। ଏ ସମ୍ପର୍କରେ କମିଶନର ସାହୁ କହିଛନ୍ତି, ଜଳଭଣ୍ଡାରରେ ୪୦ ଗେଟ୍ ଦେଇ ଜଳ ନିଷ୍କାସନ କରାଯାଉଛି। ଏବେ ସହରରେ ବର୍ଷା ପରିମାଣ କମିଛି। ତେଣୁ ଭୟଭୀତ ହେବାର ନାହିଁ। ହେଲେ ମଧ୍ୟ ସମସ୍ତ ପ୍ରସ୍ତୁତି କରାଯାଇଛି। ୭ ଗୋଟି ବନ୍ୟା ଆଶ୍ରୟସ୍ଥଳ ଏବେ ମଧ୍ୟ ଖୋଲାରହିଛି। ଗତ ୩ ଦିନ ଭିତରେ ବର୍ଷାଜଳ ଜମିରହିଥିଲା। ପାଣି ପମ୍ପ ଲଗାଇ ତଳି ଅଞ୍ଚଳରୁ ପାଣି ନିଷ୍କାସନ କରାଯାଇଛି। ସହର ଭିତରେ ନଦୀ ଓ ନାଳରେ ଜଳ ପ୍ରବାହ କମିଯାଇଛି। ସହର ଭିତରେ ବର୍ଷା ନ ହେଲେ ଜଳ ଭଣ୍ଡାରରୁ ୫୦ ଗେଟ୍ ଦେଇ ଜଳ ନିଷ୍କାସନ କରାଗଲେ ମଧ୍ୟ ମୁକାବିଲା କରାଯାଇ ପାରିବ। ୧୫ ଗୋଟି ଆଶ୍ରୟସ୍ଥଳ ଖୋଲିବାକୁ ସ୍ଥିର କରାଯାଇଛି। ଆଶ୍ରୟ ସ୍ଥଳରେ ସମସ୍ତ ଅତ୍ୟାବଶ୍ୟକ ସାମଗ୍ରୀ ମହଜୁଦ ରଖାଯାଇଛି। ଅନ୍ୟପଟେ ଜିଲାପାଳ ଅନନ୍ୟା ଦାସ ମଧ୍ୟ ବନ୍ୟା ପରିସ୍ଥିତି ନେଇ ସମୀକ୍ଷା କରିଛନ୍ତି। ଦୁଇଦିନ ହେଲା ଲଗାତର ଭାବେ ବନ୍ୟା ଆଶ୍ରୟ ସ୍ଥଳ ପରିଦର୍ଶନ କରିଛନ୍ତି। ବିପନ୍ନମାନଙ୍କ ସହ ଆଲୋଚନା କରିଥିବା କମିଶନର କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜଳ ସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ ପଣ୍ଡା ଓ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।


ଜିଲାପାଳ ବନ୍ୟାଞ୍ଚଳ ପରିଦର୍ଶନ କରୁଛନ୍ତି ।

## ସଂକ୍ଷେପରେ

### ଲଗାଣ ବର୍ଷାରେ ଭାଙ୍ଗିଲା ଘର

**କୁଚିଣ୍ଡା,୧୬।୮(ଡି.ଏନ.ଏ.):** ଲଗାଣ ବର୍ଷାରେ କୁଚିଣ୍ଡା ବ୍ଲକର ବିଭିନ୍ନ ଗ୍ରାମରେ ଘର ଭାଙ୍ଗିଥିବା ଦୃଷ୍ଟିକୁ ଆସିଛି। କୁଚିଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ଭୁବନେଶ୍ୱର କିଷାନ ବିଭିନ୍ନ ଗ୍ରାମ ଗସ୍ତ କରି କ୍ଷତିଗ୍ରସ୍ତ ଲୋକଙ୍କ ଘର ପରିଦର୍ଶନ କରି ସହାୟତା ନିମନ୍ତେ ତହସିଲଦାରଙ୍କ ସହ ଆଲୋଚନା କରିଛନ୍ତି। ସାଲେଭାଡି ପଞ୍ଚାୟତ ଟନମୁରା ଗ୍ରାମର ଅଭିନ ଲୁହୁରା, ଈଶ୍ୱର ପାତ୍ର, ନୂଆଁଦେଇ ଲୁହୁରା, ସୁରେଶ ଶବର, ପଦ୍ମଲୋଚନ ଶବର, ଶ୍ରୀମୁଖ ଶବର, କୁନ୍ତରା ପଞ୍ଚାୟତ କୁର୍ମୁଲେଇକେଲା ଗ୍ରାମର କାଞ୍ଚନ ବେହେରା ଓ ବ୍ରଜ ଶବର, କୁସୁମୀ ପଞ୍ଚାୟତ ଚିତ୍ରପୋଥି ଗ୍ରାମର ଅଲେଖ ପାତ୍ର, ପାରୁଆଭାଡି ପଞ୍ଚାୟତ ପତ୍ରାପାଲି ଗ୍ରାମର ରମେଶ ନାଏକ ଓ ଯୋଗେନ୍ଦ୍ର ମାଝି ଏବଂ ଗୋଛରା ପଞ୍ଚାୟତ କନ୍ହେଇପାଲି ଗ୍ରାମର ଜନ୍ମାଜୟ କିଷାନ ଓ ଚନ୍ଦ୍ରଶେଖର କିଷାନଙ୍କ ଘର ବର୍ଷାରେ ଭାଙ୍ଗିଯାଇଥିବା ବ୍ଲକ ଅଧ୍ୟକ୍ଷ ପରିଦର୍ଶନ କରିଥିଲେ। ଏହାଛଡା ବକ୍ସମା ପଞ୍ଚାୟତ ଚାରଭାଟି ଗ୍ରାମର ରାଜେନ୍ଦ୍ର ପ୍ରଧାନଙ୍କ ଘର ଉପରେ ଏକ ଗଛ ପଡି ଘର ଭାଙ୍ଗିଯାଇଛି। ରାଜସ୍ୱ ବିଭାଗ ତୁରନ୍ତ ତଦନ୍ତ କରି କ୍ଷତିଗ୍ରସ୍ତଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ବ୍ଲକ ଅଧ୍ୟକ୍ଷ କିଷାନ ଦାବି କରିଛନ୍ତି।

### ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଲୋକାର୍ପଣ

**ବ୍ରଜରାଜନଗର,୧୬।୮(ଡି.ଏନ.ଏ.):** ବ୍ରଜରାଜନଗର ପୌରାଞ୍ଚଳର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସହରବାସୀଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ ହୋଇଛି। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ମୁଖ୍ୟଅତିଥି ଓ ଏମ୍‌ପି ସୁରେଶ ପୂଜାରୀ, ସ୍ଥାନୀୟ ବିଧାୟିକା ଅଲକା ମହାନ୍ତି, ପୌରଧ୍ୟକ୍ଷ ଯାଜ୍ଞସେନି ଓରାମ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଗାନ୍ଧୀଛକଠାରେ ବଜାର ପିଣ୍ଡି ପାଇଁ ଭୂମିପୂଜନ ପରେ ବିଜୁ ପଟ୍ଟନାୟକ ଛକଠାରେ ନିର୍ମିତ ସେଲ୍ଫି ପଏଣ୍ଟ, ଚଣ୍ଡୀମନ୍ଦିର ରାସ୍ତାର ସୌନ୍ଦର୍ଯ୍ୟକରଣ ଲୋକାର୍ପିତ କରାଯାଇଥିଲା। ଆଗାମୀ ଦିନରେ ଅନେକ ଲୋକାଭିମୁଖୀ କାର୍ଯ୍ୟ କରାଯିବ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ପୌର ପ୍ରଶାସନର କର୍ମକର୍ତ୍ତା ଏହାକୁ ପରିଚାଳନା କରିଥିଲେ।

### ସ୍ୱାସ୍ଥ୍ୟକେନ୍ଦ୍ରରେ କାୟାକଳ୍ପ ପୁରସ୍କାର ବଣ୍ଟନ କାର୍ଯ୍ୟକ୍ରମ

**ଜମନକିରା,୧୬।୮(ଡି.ଏନ.ଏ.):** ୭୬ତମ ସ୍ୱାଧୀନତା ଦିବସ ଅବସରରେ କେନାଡିପା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ କାୟାକଳ୍ପ ପୁରସ୍କାର ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡା. ବାସନ୍ତୀ ତାଣ୍ଡିଆଙ୍କ ସଭାପତିତ୍ୱରେ ଏହା ପରିଚାଳିତ ହୋଇଥିଲା। କେନାଡିପା ସରପଞ୍ଚ କଲ୍ୟାଣୀ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ଡ଼ା. ନିରୁପମା ମହାପାତ୍ର, ବିଜୟ ରଞ୍ଜନ ଦ୍ୱିବେଦୀ, ସସ୍ମିତା ପଟେଲ, ଶମ୍ଭୁନାଥ ସାହୁ, ନିଶିତ ପଟେଲ, ବିନୋଦ ବଞ୍ଛୁର, ଶରତ ବେହେରା ପ୍ରମୁଖଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା।

## ୫ ପଞ୍ଚାୟତର ୭ ଗ୍ରାମ ବନ୍ୟାରେ ପ୍ରଭାବିତ

ଝାରସୁଗୁଡା ଅଫିସ,୧୬।୮

ଝାରସୁଗୁଡା ଜିଲାର ଲଖନପୁର ବ୍ଲକ ଓ ଝାରସୁଗୁଡ଼ା ବ୍ଲକର ୫ ପଞ୍ଚାୟତର ସମୁଦାୟ ୭ ଗ୍ରାମ ବନ୍ୟାରେ ପ୍ରଭାବିତ ହୋଇଛି। ଲଖନପୁର ବ୍ଲକ ୧୯ଖଣ୍ଡ ମୌଜାରେ ରେମତା ପଞ୍ଚାୟତର ଚିଖିଲି, ସରଧା, କଣ୍ଟେଇକେଲା ପଞ୍ଚାୟତର ସୁଖାସୋଡା, ସେମିଲିଆ, କନକତୋରା ପଞ୍ଚାୟତର କନକତୋରା ନାଏକଡେରା ଏବଂ ଝାରସୁଗୁଡ଼ା ବ୍ଲକ ରାଜପୁର ପଞ୍ଚାୟତର ଦେଓଗାଁ ଓ ଜମେରା ପଞ୍ଚାୟତର କୃଷ୍ଣପାତ୍ର ଆଦି ଗ୍ରାମର ସମୁଦାୟ ୧୮୬ଜଣଙ୍କୁ ଗାଁ ସ୍କୁଲ ଓ ବନ୍ୟା ଆଶ୍ରୟ ସ୍ଥଳୀରେ ଥଇଥାନ କରାଯାଇଛି। ପ୍ରଶାସନ ତରଫରୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଛି। ଜିଲା ପ୍ରଶାସନ ତରଫରୁ ଅତିରିକ୍ତ ଜିଲାପାଳ ଲଙ୍କେଶ୍ୱର ଅମାତ, ଝାରସୁଗୁଡ଼ା ବିଡିଓ ପୂର୍ଣ୍ଣଚନ୍ଦ୍ର ଭୋଇ, ଲଖନପୁର ବିଡିଓ ଜୟନ୍ତ ସାହୁ, ତହସିଲଦାର ବିଶ୍ୱକେଶନ

**ବିପନ୍ନଙ୍କୁ ରନ୍ଧାଖାଦ୍ୟ ବଣ୍ଟନ**

ପାଣ୍ଡେ, ଅତିରିକ୍ତ ବିଡିଓ ଗୋପାଳ କ୍ରିଷ୍ଣା ମିଶ୍ର, ବିଧାୟିକା ଅଲକା ମହାନ୍ତି, ରେମତା ସରପଞ୍ଚ ପ୍ରଫୁଲ୍ଲ ସିଂହ ବନ୍ୟା ଅଞ୍ଚଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଝାରସୁଗୁଡ଼ା ବିଡିଓ ଭୋଇ ଓ ଲଖନପୁର ବିଡିଓ ସାହୁ କହିଛନ୍ତି ବନ୍ୟା ମୁକାବିଲାରେ ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ। ଏବେ ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି। ବନ୍ୟାଜଳ ହ୍ରାସ ପାଇବାରେ ଲାଗିଛି। ଆଶ୍ରୟସ୍ଥଳୀରୁ ଲୋକେ ନିଜ ଘରକୁ ଫେରିବେ ବୋଲି ସେ କହିଛନ୍ତି।


ବନ୍ୟା ଆଶ୍ରୟ ସ୍ଥଳୀରେ ଲୋକଙ୍କୁ ଥଇଥାନ କରାଯାଇଛି।

## ସଙ୍ଗୀତଜ୍ଞ ଫକିର ପଟ୍ଟନାୟକଙ୍କୁ ମରଣୋତ୍ତର ପଦ୍ମଶ୍ରୀ ଦାବି

ସମ୍ବଲପୁର,୧୬।୮(ବ୍ୟୁରୋ)

ସମ୍ବଲପୁରର ପ୍ରସିଦ୍ଧ ସଙ୍ଗୀତଜ୍ଞ, ଗାୟକ, ଗୀତିକାର ସ୍ୱର୍ଗତ ଫକିର ପଟ୍ଟନାୟକଙ୍କୁ ମରଣୋତ୍ତର ପଦ୍ମଶ୍ରୀ ସମ୍ମାନ ଦିଆଯିବା ନେଇ କେନ୍ଦ୍ର ସରକାରଙ୍କୁ ସୁପାରିଶ କରିବା ପାଇଁ ସମ୍ବଲପୁରୀ ଏକତା ମଞ୍ଚ ନିଷ୍ପତ୍ତି ନେଇଛି। ଏହି ମର୍ମରେ ମଞ୍ଚ କର୍ମକର୍ତ୍ତା ସମ୍ବଲପୁର ଗସ୍ତରେ ଆସିଥିବା ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ରଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ସର୍କିଟ ହାଉସରେ ମନ୍ତ୍ରୀଙ୍କୁ ଭେଟିବା ସମୟରେ ଏକତା ମଞ୍ଚ ସଦସ୍ୟଙ୍କ ସହ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ସ୍ୱର୍ଗତ ପଟ୍ଟନାୟକ ଥିଲେ ସମ୍ବଲପୁରୀ ଗୀତର ଅପ୍ରତିଦ୍ୱନ୍ଦ୍ୱୀ ନାୟକ। ସେ ୭୦୦ରୁ ଅଧିକ ଗୀତରେ କଣ୍ଠଦାନ କରିଥିବାବେଳେ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ପୁରସ୍କୃତ ମଧ୍ୟ ହେଇଥିଲେ। ତେଣୁ ସେ ପଦ୍ମଶ୍ରୀ ପାଇବା ପାଇଁ ଯୋଗ୍ୟ। ଏହାସହ ଗଙ୍ଗାଧର ମଣ୍ଡପକୁ ଏକ ବିଶ୍ୱସ୍ତରୀୟ ମୁକ୍ତ ଆକାଶ ରଙ୍ଗମଞ୍ଚରେ ରୂପାନ୍ତରିତ କରିବା ପାଇଁ ପଦକ୍ଷେପ ନେବାକୁ ମନ୍ତ୍ରୀଙ୍କୁ ନିବେଦନ କରିଥିଲେ। ମନ୍ତ୍ରୀ ମଧ୍ୟ ଗଙ୍ଗାଧର ମଣ୍ଡପର ଜରାଜୀର୍ଣ୍ଣ ଅବସ୍ଥାକୁ ନେଇ କ୍ଷୋଭ ପ୍ରକାଶ କରିଥିଲେ। ମଣ୍ଡପର ସ୍ଥିତାବସ୍ଥାକୁ ନେଇ ଜିଲାପାଳଙ୍କୁ ରିପୋର୍ଟ ତଲବ କରିବା ସହ ଏହାର ଉନ୍ନତି ପାଇଁ ପ୍ରତିଶ୍ରୁତି ଦେଇଥିଲେ। ପ୍ରତିନିଧି ମଣ୍ଡଳୀରେ ସମୀର ବାବୁ, ସଞ୍ଜିତ ମହାନ୍ତି, ଡା. ସଞ୍ଜିବ କୁମାର ମିଶ୍ର, ସୂର୍ଯ୍ୟ ଗୁରୁ, ହାସିମ ରାଜା, ରାମ ମିଶ୍ର, ରାଜୀବ ସାହୁ, ସୁମିତ ପଟେଲ, ସୁଶାନ୍ତ ମିଶ୍ର, ସୁନୀଲ ତ୍ରିପାଠୀ, ସଞ୍ଜୟ ବାବୁ, ଶିଳା ଶିବ ପ୍ରସାଦ ଉପସ୍ଥିତ ଥିଲେ।


ମନ୍ତ୍ରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରୁଛନ୍ତି ମଞ୍ଚ କର୍ମକର୍ତ୍ତା।

## ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ କବିତା ପାଠୋତ୍ସବ

ରେଢ଼ାଖୋଲ/କୋଲାବିରା, ୧୬।୮(ଡି.ଏନ.ଏ.)

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ରେଢ଼ାଖୋଲ ରାଣୀ ଅନ୍ନପୂର୍ଣ୍ଣା ସରକାରୀ ବାଳିକା ବିଦ୍ୟାଳୟରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଛି। ପ୍ରାରମ୍ଭରେ ସାମ୍ବାଦିକ ରଞ୍ଜିତ ଦେହୁରି ପାଠୋତ୍ସବର ଆଭିମୁଖ୍ୟ ଉପରେ ସୂଚନା ଦେଇଥିଲେ। ରେଢ଼ାଖୋଲ ପଞ୍ଚଖଣ୍ଡା କଳାପରିଷଦ ସଭାପତି ମହାବୀର ସିଂଦେଓ ସଭାପତିତ୍ୱ କରିଥିବାବେଳେ ଅଧ୍ୟାପକ ଶ୍ରୀକାନ୍ତ ବଲ୍ଲଭ ସାମନ୍ତ ସଂଯୋଜନା କରିଥିଲେ। ରଘୁନାଥ ପ୍ରଧାନ, ଅଧ୍ୟାପକ ଦିପେନ ପଟ୍ଟନାୟକ, ଅଧ୍ୟାପକ ମାନଭଞ୍ଜନ କଅଁର, ସନ୍ତୋଷ ରଥ, କନ୍ଦର୍ପ ବେହେରାଙ୍କ ସମେତ ଅଞ୍ଚଳର ପ୍ରାୟ ୨୦ଜଣ କବି ସ୍ୱରଚିତ ଦେଶାତ୍ମବୋଧକ କବିତା ପାଠ କରିଥିଲେ।

ସେହିପରି ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ ଆନୁକୂଲ୍ୟରେ କୋଲାବିରାସ୍ଥିତ ଏକ ହୋଟେଲରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଦେଶାତ୍ମବୋଧକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସମଲେଶ୍ୱରୀ ସାହିତ୍ୟ ସଂସଦ ସଭାପତି ଶୋଭା ଚନ୍ଦ୍ର ନାଏକ ସଭାପତିତ୍ୱ କରିଥିବା ବେଳେ କୋଲାବିରା ଜମିଦାର ବୀର ଅମରେନ୍ଦ୍ର ପ୍ରତାପ ସିଂହ ମୁଖ୍ୟଅତିଥି ଓ ଅକ୍ଷୟ କୁମାର ପତି ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ଭାରତ ମାତାଙ୍କ ଫଟୋଚିତ୍ରରେ ପୂଜାର୍ଚ୍ଚନା କରି ସ୍ୱାଧୀନତାର ଗାରିମା ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ଅଞ୍ଚଳର ୨୦ଜଣ କବି ଓ କବୟତ୍ରୀ ସ୍ୱରଚିତ ଦେଶାତ୍ମବୋଧକ କବିତା ପାଠ କରିଥିଲେ। କବି ସତ୍ୟନାରାୟଣ ଦାସ ଧନ୍ୟବାଦ ଦେଇଥିଲେ।


ରେଢ଼ାଖୋଲଠାରେ କବିତା ପାଠୋତ୍ସବରେ ଭାଗନେଇଥିବା କବି, କବୟତ୍ରୀ।

## ଡାଇଭର୍ସନ ଉପରେ ବନ୍ୟାପାଣି: କୁଚିଣ୍ଡା--ବାମରା ବିଚ୍ଛିନ୍ନ

କୁଚିଣ୍ଡା,୧୬।୮(ଡି.ଏନ.ଏ.)

କୁଚିଣ୍ଡାରୁ ବାମରା ରାଜ୍ୟ ରାଜପଥର କେଶାଇବାହାଲ ନିକଟ ସେଗାପଡାରେ ନିର୍ମାଣାଧୀନ ସେତୁ ଡାଇଭର୍ସନ ଉପରେ ବନ୍ୟା ପାଣି ଯୋଗୁ ଦୁଇଦିନ ଧରି ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ଲଗାଣ ବର୍ଷା ଯୋଗୁ ରବିବାର ସକାଳୁ ଏହି ଡାଇଭର୍ସନ ଉପରେ ୩ଫୁଟ୍ ଓ ସୋମବାର ଦିନ ତମାମ ୫ଫୁଟ ଉପରେ ବନ୍ୟାପାଣି ପ୍ରବାହିତ ହୋଇଥିଲା। ଫଳରେ କୁଚିଣ୍ଡାରୁ ବାମରା, ରାଉରକେଲା, ସୁନ୍ଦରଗଡ ଅଞ୍ଚଳକୁ ଯାନବାହାନ ଚଳାଚଳ ବନ୍ଦ ହୋଇଯାଇଥିଲା। ବର୍ଷା ପରିମାଣ କମିବାରୁ ମଙ୍ଗଳବାର ଡାଇଭର୍ସନ ଉପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

## ଜିଲା ବିଜେଡି ପକ୍ଷରୁ ସ୍ୱାଧୀନତା ଦିବସ

ସମ୍ବଲପୁର,୧୬।୮(ବ୍ୟୁରୋ)

ସମ୍ବଲପୁର ଜିଲା ବିଜେଡି ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଜିଲା ବିଜେଡି ସଭାପତି ଇଂ.ସିଦ୍ଧାର୍ଥ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ବିଜେଡି ସମ୍ପାଦକ ଦିଲୀପ ଦାଶ, ଶିଶିର ରଞ୍ଜନ ମହାନ୍ତି, ଲକ୍ଷ୍ମୀ ପ୍ରସାଦ ମହାପାତ୍ର, ଇଂ.ଦୀନେଶ ସେଠ, ସିପ୍ରା ମହାନ୍ତି, ଉଷା ପ୍ରଧାନ, ମିତାଲି ସାହୁ, ଡ଼. ସଂଯୁକ୍ତା ମେହେର, ସୈରେନ୍ଦ୍ରୀ ନାଏକ, ମମତା ମହାନ୍ତି ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଜେଏସ୍‌ଡବ୍ଲ୍ୟୁ ପକ୍ଷରୁ ପ୍ରଭାତ ଫେରି

ସମ୍ବଲପୁର,୧୬।୮(ବ୍ୟୁରୋ)

ସମ୍ବଲପୁର ଠେଲକୋଲିସ୍ଥିତ ଜେଏସ୍‌ଡବ୍ଲ୍ୟୁ ବିପିଏସ୍‌ଏଲ ପକ୍ଷରୁ ଆଜାଦୀ କା ଅମୃତ ମହୋତ୍ସବ ପାଳନ କରାଯାଇଛି। କମ୍ପାନୀ ପରିସର ଟାଉନଶିପରେ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହାସହ ସମସ୍ତ କ୍ୱାର୍ଟର୍ସ ଓ କମ୍ପାନୀ ଅଫିସରେ ଜାତୀୟ ପତାକା ଲଗାଯାଇଥିଲା। ଟାଉନଶିପରେ ନିଲମ ସିଂଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧିକାରୀ ଓ କର୍ମଚାରୀ ସାମିଲ ଥିଲେ।



ସମ୍ବଲପୁର ଜେଏସ୍‌ଡବ୍ଲ୍ୟୁ ପକ୍ଷରୁ ଆଜାଦୀ କା ଅମୃତ ମହୋତ୍ସବ।

## ବିଭିନ୍ନ ସ୍ଥାନରେ ଉଡ଼ିଲା ତ୍ରିରଙ୍ଗା

**କୁଚିଣ୍ଡା,୧୬।୮(ଡି.ଏନ.ଏ.):** ସୋମବାର କୁଚିଣ୍ଡା ମୁକୁନ୍ଦି ଷ୍ଟାଡିୟମଠାରେ ୭୬ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଉପଜିଲାପାଳ ଆଦିତ୍ୟ ଗୋଏଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହାଛଡା ସମସ୍ତ ସରକାରୀ, ବେସରକାରୀ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନରେ ମଧ୍ୟ ସ୍ୱାଧୀନତା ଦିବସ ପାଳନ ହୋଇଥିଲା। କୁଚିଣ୍ଡା ସାମ୍ବାଦିକ ସଂଘ ଅଫିସରେ ସଭାପତି ପ୍ରକାଶ ଶର୍ମା, କୁଚିଣ୍ଡା ବ୍ଲକ ଅଫିସରେ ଅଧ୍ୟକ୍ଷ ଭୁବନେଶ୍ୱର କିଷାନ, କୁଚିଣ୍ଡା କଲେଜରେ ଅଧ୍ୟକ୍ଷ ଶ୍ରୀକାନ୍ତ ପଟେଲଜାତୀୟ ପତାକା ଉତ୍ତୋଳନ କରିଥିଲେ।

ପଡିଆବାହାଲରେ ସ୍ୱାଧୀନତା ଦିବସ

**ପଡିଆବାହାଲ (ଡି.ଏନ.ଏ.):** ଯୁଯୁମୁରା ବ୍ଲକ ବାହାମ ପଞ୍ଚାୟତ ପଧାନପାଲି ନୋଡାଲ ଉଚ୍ଚ ବିଦ୍ୟାଳୟଠାରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏ ଅବସରରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ପଠାନ କୁମାର ପଣ୍ଡା ମୁଖ୍ୟଅତିଥି, ପୂର୍ବତନ ଶିକ୍ଷକ ପ୍ରଫୁଲ୍ଲ କୁମାର ପଣ୍ଡା ମୁଖ୍ୟବକ୍ତା, ଶିକ୍ଷକ ଅଶ୍ୱିନୀ କୁମାର ମିଶ୍ର, ସମିତି ସଭ୍ୟ ପ୍ରଫୁଲ୍ଲ ମଗର, ସାମାଜିକ କର୍ମୀ ମୋହିତ କୁମାର ନାୟକ, ସୁଚିତ୍ରା ପଣ୍ଡା, ପରିଚାଳନା କମିଟି ସଭାପତି ସରୋଜ ମେହେର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ବେରିହା ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ଦେଇଥିଲେ। ଅତିଥିମାନେ ସ୍ୱାଧୀନତା ଦିବସ ଉପରେ ବକ୍ତବ୍ୟ ରଖିଥିଲେ।

**ଜମନକିରା (ଡି.ଏନ.ଏ.):** ଜମନକିରା ବ୍ଲକର ବିଭିନ୍ନ ସ୍ଥାନରେ ୭୬ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ତେବେ ଭୋଜପୁର ପଞ୍ଚାୟତ ଗୁଦୁରାପଡ଼ାରୁ ବାହାରିଥିବା ୨୦୦ ମିଟର ଲମ୍ବର ତ୍ରିରଙ୍ଗା ଶୋଭାଯାତ୍ରା ଆକର୍ଷଣୀୟ ହୋଇଥିଲା। ଜମନକିରା ବ୍ଲକ ସଦର ମହକୁମାରେ ମୁଖ୍ୟଅତିଥି ଭାବେ ଯୋଗଦେଇ କୁଚିଣ୍ଡା ବିଧାୟକ କିଶୋର ନାୟକ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଆସ୍ରିତା ଭୋଇ, ଉପାଧ୍ୟକ୍ଷ ରୋହିତ ଭୋଇ, ଜିଲା ପରିଷଦ ଜୋନ ୧ ସଭ୍ୟା ସୁଜାତା ଖୁଣ୍ଟିଆ, ବିଡ଼ିଓ ଟୁନୁ ମେହେର, ଏବିଡିଓ ରବୀନ୍ଦ୍ର ରଣା ପ୍ରମୁଖ ସାମିଲ ଥିଲେ।

## ଆନ୍ତରିକତା ସହ କର୍ତ୍ତବ୍ୟ ନିର୍ବାହ ପାଇଁ ଆହ୍ୱାନ

ଝାରସୁଗୁଡ଼ା ଅଫିସ,୧୬।୮

ଝାରସୁଗୁଡ଼ା ମନମୋହନ ସ୍କୁଲ ପଡ଼ିଆରେ ଆୟୋଜିତ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ସମାରୋହରେ ଜିଲାପାଳ ସରୋଜ କୁମାର ସାମଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଭାଷଣ ପ୍ରସଙ୍ଗରେ ଜିଲାପାଳ କଷ୍ଟଲବ୍ଧ ସ୍ୱାଧୀନତାକୁ ବଜାୟ ରଖିବା ସହ ଦେଶକୁ ପ୍ରଗତି ପଥରେ ଆଗେଇନେବା ପାଇଁ ସମସ୍ତେ ଆନ୍ତରିକତାର ସହ କର୍ତ୍ତବ୍ୟ ନିର୍ବାହନ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସେ ବୀର ସୁରେନ୍ଦ୍ର ସାଏ, ଫତେ ସିଂହ , ଗଣେଶ ରାମ ଉପାଧ୍ୟାୟ, କରୁଣାକର ସିଂ ନାଏକ, ଗୋବିନ୍ଦ ସିଂହ, ଲକ୍ଷ୍ମୀନାରାୟଣ ମିଶ୍ର, ଚିନ୍ତାମଣି ପୂଜାରୀ, ବିହାରୀ ରାମ ତନ୍ତୀ, ମହାବୀର ସିଂ ପ୍ରମୁଖ ସ୍ୱାଧୀନତା ସଂଗ୍ରାମୀମାନଙ୍କ ସ୍ମୃତି ଚାରଣ କରିଥିଲେ। ମୁଖ୍ୟଅତିଥିଙ୍କ ସହ ଏସ୍‌ପି ରାହୁଲ ଜୈନ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ୱାସ୍ଥ୍ୟ ବିଭାଗର ୩ଜଣ, ଜଙ୍ଗଲ ବିଭାଗର ଜଣେ, ଓର୍‌ମାସରୁ ୩ଜଣ, ଓଏଲ୍‌ଏମ୍‌ରୁ ୬ଜଣ ଓ ୫ଜଣ ଗ୍ରାମ ରୋଜଗାର ସେବକଙ୍କୁ ଉଲ୍ଲେଖନୀୟ କାର୍ଯ୍ୟ ସକାଶେ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଓ ମୁଖ୍ୟ ନିର୍ବାହୀ ଅଧିକାରୀ ତପିରାମ ମାଝି, ଅତିରିକ୍ତ ଜିଲାପାଳ ପ୍ରବୀର କୁମାର ନାୟକ, ଓଏସ୍‌ଏପି ୨ୟ ବାଟାଲିଅନ କମାଣ୍ଡାଣ୍ଟ ଆଶିଷ ଦୁବେ, ପିଡି (ପୁନର୍ବାସ ଓ ଥଇଥାନ) ଆଲମଣି ସେଠୀ, ଡେପୁଟି କଲେକ୍ଟର ଗୀତିକା ନାଏକ, ଯୋଗେନ୍ଦ୍ର ମାଝି ପ୍ରମୁଖ ଉପସ୍ଥିତ ଥିଲେ। ବେଦାନ୍ତ ପ୍ରକଳ୍ପରେ ସିଇଓ ସୁନିଲ କୁମାର ଗୁପ୍ତା, ଓପିଜିସି ପ୍ରକଳ୍ପରେ ନିର୍ଦ୍ଦେଶକ (ଅପରେଶନ) ମାନସ ରଞ୍ଜନ ରାଉତ, ଟିଆରଏଲ କ୍ରୋସାକୀ ପ୍ରକଳ୍ପରେ ମୁଖ୍ୟ ପରିଚାଳକ ପ୍ରିୟବ୍ରତ ପଣ୍ଡା, ବେଲପାହାଡ ପୌର ପରିଷଦରେ ପୌରାଧ୍ୟକ୍ଷ ନିମାଇଁ ଚରଣ ପଣ୍ଡା, ଝାରସୁଗୁଡ଼ା ପୌର ପରିଷଦରେ ପୌରାଧ୍ୟକ୍ଷା ରାନୀ ହାତୀ, ବ୍ରଜରାଜନଗର ପୌର ପରିଷଦରେ ପୌରାଧ୍ୟକ୍ଷା ଯାଜ୍ଞସେନୀ ଓରାମ, ଲଖନପୁର ବ୍ଲକରେ ବ୍ଲକ ଅଧ୍ୟକ୍ଷା ହୁତେଶ୍ୱରୀ ତିହିରିଆ ପ୍ରମୁଖ ଜାତୀୟ ପତାକା ଉତ୍ତୋଳନ କରିଥିଲେ।

## ଜାତୀୟ ପତାକାକୁ ଉଚ୍ଚରେ ରଖିବା: ମନ୍ତ୍ରୀ

ସମ୍ବଲପୁର,୧୬।୮(ବ୍ୟୁରୋ)

ସମ୍ବଲପୁର କଚେରି ରୋଡରେ ଜିଲାସ୍ତରୀୟ ୭୬ ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଶାନ୍ତି, ମୈତ୍ରୀ, ସମୃଦ୍ଧି ଓ ସ୍ୱାଭିମାନର ପ୍ରତୀକ ଜାତୀୟ ପତାକାକୁ ସର୍ବଦା ଉଚ୍ଚରେ ରଖିବା ବୋଲି ମତ ଦେଇଥିଲେ। ସମ୍ବଲପୁର ମାଟିର ବୀର ସଂଗ୍ରାମୀ ଓ ବିଭିନ୍ନ ସ୍ୱାଧୀନତା ସଂଗ୍ରାମୀଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମହାତ୍ମା ଗାନ୍ଧୀ, ସୁଭାଷ ଚନ୍ଦ୍ର ବୋଷ, ସର୍ଦ୍ଦାର ବଲ୍ଲବ ଭାଇ ପଟେଲ, ବିର୍ସା ମୁଣ୍ଡା, ବୀର ସୁରେନ୍ଦ୍ର ସାଏ ପ୍ରମୁଖ ମହାନ ନାୟକଙ୍କ ପ୍ରଚେଷ୍ଟାରେ ହିଁ ଦେଶ ସ୍ୱାଧୀନତା ପାଇଛି ବୋଲି କହିଥିଲେ। ଦେଶ ସ୍ୱାଧୀନତାରେ ଓଡିଶା ଓ ସମ୍ବଲପୁର ମାଟିର ମହାପୁରୁଷଙ୍କ ଯୋଗଦାନ ସର୍ବଦା ସ୍ମରଣୀୟ ରହିବ। ମୁଖ୍ୟମନ୍ତ୍ରୀ ପଶ୍ଚିମ ଓଡିଶାର ଉନ୍ନତି ନିମନ୍ତେ ସର୍ବଦା ସହଯୋଗର ହାତ ବଢେଇଥାନ୍ତି ବୋଲି ବକ୍ତବ୍ୟ ରଖିଥିଲେ। ପରେ ମନ୍ତ୍ରୀ କୋଭିଡ୍ ଯୋଦ୍ଧା ଓ ଦଶମ ଶ୍ରେଣୀ ପରୀକ୍ଷାରେ ଜିଲାରେ ସର୍ବାଧିକ ନମ୍ବର ରଖିଥିବା ଜଣେ ଛାତ୍ର ଏବଂ ଛାତ୍ରୀଙ୍କୁ ସମ୍ମାନିତ କରିଥିଲେ। ପରେ ମନ୍ତ୍ରୀ ପାତ୍ର ଉତ୍ସର୍ଗ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆନୁକୂଲ୍ୟରେ ଓଡିଶା ସାଂସ୍କୃତିକ ସମାଜ ଭବନଠାରେ ରକ୍ତଦାନ ଶିବିରରେ ଯୋଗ ଦେଇଥିଲେ।


ଉତ୍ସବରେ ପର୍ଯ୍ୟଟନ ମନ୍ତ୍ରୀ ଓ ଅନ୍ୟମାନେ ।

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୧୭ ଅଗଷ୍ଟ, ୨୦୨୨

**ବାଇକ୍ ଧକ୍କାରେ ଜଣେ ମୃତ**

କୁତ୍ରା ( ଡି.ଏନ.ଏ.): ସୁନ୍ଦରଗଡ ଜିଲା କୁତ୍ରା ଥାନା ନିକଟରେ ସୋମବାର ସନ୍ଧ୍ୟାରେ ଏକ ବାଇକ୍ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି । ବାଇକ୍ ଚାଳକ ଗୁରୁତର ଆହତ ହୋଇଛନ୍ତି । ସୁନ୍ଦରଗଡ ସୁନାରିପଡାର ଶ୍ୟାମ ନାମକ ଜଣେ ବ୍ୟକ୍ତି ରାସ୍ତା ଅତିକ୍ରମ କରୁଥିବା ବେଳେ ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା । ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା । ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଚଳାଇଛି ।



## ସଂକ୍ଷେପରେ

### ବାଇକ୍‌ରୁ ଖସି ପଡ଼ି ଯୁବକ ମୃତ

**ରାଉରକେଲା ଅଫିସ,୧୬।୮:** ବ୍ରାହ୍ମଣୀତରଙ୍ଗ ଥାନା ଝାରତ୍ରେନ ଅଞ୍ଚଳର ଜଣେ ଯୁବକ ବାଇକ୍‌ରୁ ଖସି ପଡ଼ିବାରୁ ତାଙ୍କର ମୃତ୍ୟୁ ହୋଇଛି। ମୃତ ଯୁବକ ହେଲେ ଘୋମେଶ୍ୱର ଓରାମ(୩୫)। ପୋଲିସ ଏକ ମାମଲା (ନଂ.୨୭୯।୨୨) ରୁଜୁ କରି ତଦନ୍ତ କରୁଛି। ଝାରତ୍ରେନ ଗ୍ରାମର ଘୋମେଶ୍ୱର ସୋମବାର ଏକ ବାଇକ୍ ଯୋଗେ ବଲଣ୍ଡା ଗ୍ରାମରୁ ସନ୍ଧ୍ୟାରେ ଫେରୁଥିବା ସମୟରେ ବଲଣ୍ଡା ଛକରେ ବାଇକ୍‌ରୁ ଖସି ପଡିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ବଲଣ୍ଡା ଡାକ୍ତରଖାନା ଏବଂ ପରେ ଆରଜିଏଚ୍‌ରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଯୁବକଙ୍କ ଆତ୍ମହତ୍ୟା, କାରଣ ଅସ୍ପଷ୍ଟ

**ରାଉରକେଲା ଅଫିସ,୧୬।୮:** ବ୍ରାହ୍ମଣୀତରଙ୍ଗ ଥାନା ଟିସିଆଇ ଛକରେ ଜଣେ ଯୁବକ ବେକରେ ଫାଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତ ଯୁବକ ହେଲେ କାହ୍ନୁ ମିସ୍ତ୍ରୀ(୨୮)। ସେ ସୋମବାର ବିଳମ୍ବିତ ରାତିରେ ଘର ଆଜବେଷ୍ଟସ ଲୁହା ପାଇପ୍‌ରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଥିଲେ। ସକାଳେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ କରାଇଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୬୩।୨୨) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

### ଏମ୍ସ ପ୍ରତିଷ୍ଠା ପାଇଁ ଦାବିପତ୍ର ପ୍ରଦାନ

**ରାଉରକେଲା ଅଫିସ,୧୬।୮:** ସୁନ୍ଦରଗଡ ଜିଲାରେ ଏମ୍ସ ପ୍ରତିଷ୍ଠା ଦାବିରେ କୋଶଳ କ୍ରାନ୍ତି ଦଳ (କେକେଡି) ପକ୍ଷରୁ ମଙ୍ଗଳବାର ରାଉରକେଲା ଏଡିଏମ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ରାଉରକେଲା ଅତିରିକ୍ତ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି ଦାବି ପୂରଣ କରା ନ ଗେଲ ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ଏହି ବିକ୍ଷୋଭରେ ଦଳର ମାନସୁକ ସମାସି, ଫଇମନ ଟୋପୋ, ବିନୋଦ ରାଉତ, ପ୍ରଦୀପ ବେହେରା, ଅନୁପ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

### ବେକରେ ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

**ରାଜଗାଙ୍ଗପୁର,୧୬।୮(ଡି.ଏନ.ଏ.):** ବେକରେ ରଶି ଲଗାଇ ବିଶ୍ୱଜିତ ସାହୁ (୨୪) ନାମକ ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି । ମଙ୍ଗଳବାର ସକାଳେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ରାଜଗାଙ୍ଗପୁର ସରକାରୀ ଡାକ୍ତରଖାନା ପଠାଇଛି । ବିଶ୍ୱଜିତ୍ ରାଜଗାଙ୍ଗପୁରର ବରପାଲି ନିକଟ ୧୦ ନଂ ରାଜ୍ୟ ରାଜପଥରେ ଥିବା ଟୋଲପ୍ଲାଜା କର୍ମଚାରୀ ଥିଲେ । ସେ କାଂସବାହାଲ କଲୋନୀରେ ଅନ୍ୟ ସାଥୀ କର୍ମଚାରୀଙ୍କ ସହ ରହିଆସୁଥିଲେ । ସୋମବାର ରାତିରେ ଖାଇ ସାରିବା ପରେ ସେ ନିଜ କୋଠରୀକୁ ଯାଇଥିଲେ । ମଙ୍ଗଳବାର ସକାଳେ ତାଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖି ପୋଲିସକୁ ଖବର ଦିଆଯାଇଥିଲା । ପୋଲିସ ଏ ନେଇ ଏକ ମାମଲା ରୁଜୁ କରି ତଦନ୍ତ କରୁଛି । ମୃତ ଯୁବକଙ୍କ ଘର ଭଦ୍ରକ ଜିଲାର ତିହିଡି ଅଞ୍ଚଳରେ ବୋଲି ଜଣାଯାଇଛି ।

### ଆମ୍‌କୋ ସିମ୍‌କୋ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

**ରାଉରକେଲା ଅଫିସ,୧୬।୮:** ରାଉରକେଲା ସେକ୍ଟର-୨ ସ୍ଥିତ ଦୁର୍ଗାପୂଜା ପଡିଆରେ ଅଙ୍କୁର ଓ ଜଗନ୍ନାଥ ସେନାର ମିଳିତ ଆନୁକୂଲ୍ୟରେ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ 'ବନ୍ଦେ ମାତରମ୍' ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଉତ୍ସବରେ ପିଡବ୍ଲୁଡି ଅଧିକାରୀ ମନୋଜ ମହାନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଦେଶାତ୍ମବୋଧ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା। ଏହି ଅବସରରେ ସାମାଜିକ କର୍ମୀ ବିଶ୍ୱଭୂଷଣ ମହାପାତ୍ର, ବିଭୂତି ଭୂଷଣ ମହାପାତ୍ର, ସାରଦା ପ୍ରସନ୍ନ ସ୍ୱାଇଁ, ଡ. ରଞ୍ଜନ ସାହୁ, ଆଦିତ୍ୟ ସାମଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ପାଣ୍ଠନିବାସଠାରେ ଓଡିଶାର ଜାଲିଆନୱାଲାବାଗ କୁହାଯାଉଥିବା ବୀରମିତ୍ରପୁର-ଝାଡ଼ଖଣ୍ଡ ସୀମାନ୍ତ ରାୟବଗା ସ୍ଥିତ ଆମ୍‌କୋ-ସିମ୍‌କୋର ବୀର ଶହୀଦମାନଙ୍କ ଉଦ୍ଦେଶ୍ୟରେ ଦେଶାତ୍ମବୋଧକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପରେ ଆମ୍‌କୋ ସିମ୍‌କୋରେ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା।

# ସୁନ୍ଦରଗଡ଼ ଜିଲାରେ ସବୁଠି ଉଡ଼ିଲା ତ୍ରିରଙ୍ଗା

**ଲହୁଣୀପଡା,୧୬।୮(ଡି.ଏନ୍.ଏ.)**

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ ରାଜାମୁଣ୍ଡାସ୍ଥିତ ଭାଜପା କାର୍ଯ୍ୟାଳୟଠାରେ ବଣେଇ ସାଙ୍ଗଠନିକ ଜିଲା ପକ୍ଷରୁ ୭୬ ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସୁନ୍ଦରଗଡ ଏମ୍‌ପି ଜୁଏଲ ଓରାମ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ସେ କହିଥିଲେ ଯେ, ଦେଶରେ ଅଜାଦୀ କା ଅମୃତ ମହୋତ୍ସବ ପାଳନ କରାଯାଉଥିବା ବେଳେ ଆଗାମୀ ୨୫ ବର୍ଷ ଦେଶର ଅମୃତବେଳା। ଏହି ସମୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଦେଶକୁ ସମୃଦ୍ଧଶାଳୀ କରିବା ପାଇଁ କାର୍ଯ୍ୟ କରାଯିବ । ରାହାସ ବିହାରୀ ପ୍ରଧାନ, ସେବତୀ ନାଏକ, ଲୁଥାର ଓରାମ, ହେମନ୍ତ କୁମାର ସାହୁ, ଅଭିରାମ ମହାକୁଳ, ବାସୁଦେବ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

**ଲହୁଣୀପଡା(ଡି.ଏନ.ଏ.):** ଲହୁଣୀପଡା ବ୍ଲକ, ତହସିଲ, ଥାନା, ଡାକ୍ତରଖାନା, ପୋଷ୍ଟ ଅଫିସ, ବ୍ୟାଙ୍କ, ସିଡିପିଓ, ବିଇଓ ଅଫିସ, କୃଷି ବିଭାଗ, ବନ ବିଭାଗ ରେଞ୍ଜ ଅଫିସ, ମୃର୍ତ୍ତିକା ସଂରକ୍ଷଣ କାର୍ଯ୍ୟାଳୟରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ଏହାସହିତ ସିପିଆଇଏମ କାର୍ଯ୍ୟାଳୟରେ ବିଧାୟକ ପ୍ରତିନିଧି ଲାଲ ବାହାଦୂର ମାହାନ୍ତ ପତାକା ଉତ୍ତୋଳନ କରିଥିଲେ। ବିଜେଡି ପକ୍ଷରୁ ଲହୁଣୀପଡାସ୍ଥିତ ଗାନ୍ଧୀଛକଠାରେ ଜିଲ୍ଲା ପରିଷଦ ସଦସ୍ୟା ଜୁଲିଆନି କାଣ୍ଡିର ପତାକା ଉତ୍ତୋଳନ କରିଥିଲେ।




ଲହୁଣୀପଡା ବ୍ଲକ ରାଜାମୁଣ୍ଡାଠାରେ ଭାଜପା କାର୍ଯ୍ୟାଳୟରେ ଜୁଏଲ ଓରାମ ପତାକା ଉତ୍ତୋଳନ କରୁଛନ୍ତି ।



କୁଆଁରମୁଣ୍ଡାର କୁମଝରିଆ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜାତୀୟ ପତାକା ଉତ୍ତୋଳନ କରାଯାଉଛି ।

**ବଡ଼ଗାଁ (ଡି.ଏନ.ଏ.):** ବଡ଼ଗାଁ ଜୟହିନ୍ଦ୍ କ୍ଲବ ପକ୍ଷରୁ ସ୍ଥାନୀୟ ଅଞ୍ଚଳର ସାର୍ବଜନୀନ ଦୁର୍ଗାମଣ୍ଡପଠାରେ ଅବସରପ୍ରାପ୍ତ ଶିକ୍ଷକ ଭିକାରୀ ଚରଣ ସା ଜାତୀୟ ପତାକା ଉତ୍ତୋଳନ କରିଥିଲେ। ବଡ଼ଗାଁ ବ୍ଲକରେ ବ୍ଲକ ଅଧ୍ୟକ୍ଷା ଦୁଲାରୀ ସୋରେଙ୍ଗ, ବଡ଼ଗାଁ ଥାନାରେ ଥାନା ଅଧିକାରୀ ହୃଷୀକେଶ ବେହେରା, ବିଜେଡ଼ି କାର୍ଯ୍ୟାଳୟରେ ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ ପତାକା ଉତ୍ତୋଳନ କରିଥିଲେ।

**ରାଜଗାଙ୍ଗପୁର(ଡି.ଏନ.ଏ.):** ରାଜଗାଙ୍ଗପୁର ପୌର ପରିଷଦରେ ପୌରଧକ୍ଷା ମାଧୁରୀ ଲୁଗୁନ ପତାକା ଉତ୍ତୋଳନ କରି ସହରରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ସେହିପରି ବ୍ଲକ କାର୍ଯ୍ୟାଳୟରେ ବ୍ଲକ ଅଧ୍ୟକ୍ଷା ଶାବିନା ମିଞ୍ଜ ଓ କଂଗ୍ରେସ କାର୍ଯ୍ୟାଳୟରେ ଟାଉନ କଂଗ୍ରେସ ସଭାପତି ଦିପୁ ବିନୋଦ ପତାକା ଉତ୍ତୋଳନ କରିଥିଲେ ।

**କୁଆଁରମୁଣ୍ଡା (ଡି.ଏନ.ଏ.):** କୁଆଁରମୁଣ୍ଡା ବ୍ଲକ କୁମଝରିଆ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ସଞ୍ଜୟ କୁମାର ସାମଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର ମୁଖ୍ୟଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ । କୁଆଁରମୁଣ୍ଡା ବ୍ଲକରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଜ୍ୟୋତି କେର୍କେଟା, ବନ ରେଞ୍ଜ କାର୍ଯ୍ୟାଳୟରେ ରେଞ୍ଜର ସ୍ୱାଧୀନତା ସାହାଣୀ, ସରକାରୀ ପ୍ରାଣୀ ଚିକିତ୍ସାଳୟରେ ବିଡିଓ ଡା.ଶୁଭେନ୍ଦୁ ଘୋଷ, କୁଆଁରମୁଣ୍ଡା ଲ୍ୟାମ୍ପ୍ସ କାର୍ଯ୍ୟାଳୟରେ ପରିଚାଳନା ନିର୍ଦ୍ଦେଶକ ରଣଜିତ୍ ଲାକ୍ରାଙ୍କ ତତ୍ତ୍ୱାବଧାନରେ ସଭାପତି ତାଇରାସ୍ ମିଂଜ ପତାକା ଉତ୍ତୋଳନ କରିଥିଲେ । ଏହାଛଡା ବୀରମିତ୍ରପୁର ପୌରପାଳିକାରେ ପୌରାଧ୍ୟକ୍ଷ ସନ୍ଦୀପ ମିଶ୍ର, କଚାରୁ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଶିବପ୍ରସାଦ ମହାପାତ୍ରଙ୍କ ତତ୍ତ୍ୱାବଧାନରେ କଚାରୁ ସରପଞ୍ଚ ଝୁବା ଟପ୍ପୋ ପତାକା ଉତ୍ତୋଳନ କରିଥିଲେ ।

**ଲେଫ୍ରିପଡା(ଡି.ଏନ.ଏ.):** ଲେଫ୍ରିପଡା ବ୍ଲକ କାର୍ଯ୍ୟାଳୟରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରମେଶ ହାଁସଦାଙ୍କ ତତ୍ତ୍ୱାବଧାନରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ନରେଶ ପ୍ରତାପ ସିଂ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ । ଏଥିରେ ଲିଟୁନ ମହାନନ୍ଦିଆ, ସୁନ୍ଦର ଲାକ୍ରା, ନରେଶ ମାଝୀ ପ୍ରମୁଖ ଉପସ୍ଥିତ ରହିଥିଲେ। ଲେଫ୍ରିପଡା ଲ୍ୟାମ୍ପସ କାର୍ଯ୍ୟାଳୟରେ ଲ୍ୟାମ୍ପସ ସଭାପତି ସୁନୀଲ କୁମାର କାଲୋ ପତାକା ଉତ୍ତୋଳନ କରିଥିଲେ ।

**ହେମଗିର (ଡି.ଏନ.ଏ.):** ହେମଗିର ବ୍ଲକ କାର୍ଯ୍ୟାଳୟଠାରେ ବିଡିଓ ଡ.ଜଗଦୀଶ ମହାନନ୍ଦ ପତାକା ଉତ୍ତୋଳନ କରି ଥିଲେ। ହେମଗିର ହାଇସ୍କୁଲ ପଡିଆରେ ମୁଖ୍ୟଅତିଥି ଭାବେ ହେମଗିର ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସା ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ ।

**ସୁନ୍ଦରଗଡ (ଡି.ଏନ.ଏ.):** ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଲଳିତ ରଞ୍ଜନ ସାହୁ ଜାତୀୟ ପତାକା ଉତ୍ତୋଳନ କରି ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ପ୍ରଥମେ ଅଧ୍ୟକ୍ଷ ମହାବିଦ୍ୟାଳୟର ପ୍ରତିଷ୍ଠାତା ତଥା ପୂର୍ବତନ ଜିଲାପାଳ ଏଲ ଏଲ ନାୟାରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଆୟୋଜିତ ସଭାରେ ସ୍ନାତକ ଓ ଯୁକ୍ତ ଦୁଇ ପରୀକ୍ଷାରେ କୃତୀତ୍ୱର ସହ ଉତ୍ତୀର୍ଣ୍ଣ ହୋଇଥିବା ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଷ୍ଟେଟବ୍ୟାଙ୍କ ସୁନ୍ଦରଗଡ ଶାଖାର ମୁଖ୍ୟ ପ୍ରବନ୍ଧକ ସଞ୍ଜୟ କୁମାର ସାମଲ ଯୋଗ ଦେଇଥିଲେ ।

**କୁତ୍ରା(ଡି.ଏନ.ଏ.):** କୁତ୍ରା ବ୍ଲକର ତେଲିଘନାସ୍ଥିତ ଶିବା ସିମେଣ୍ଟ କାରଖାନା ଏବଂ ଖତକୁରବାହାଲର ଚୂନପଥର ଖଣି କାର୍ଯ୍ୟାଳୟରେ ସ୍ୱାଧୀନତା ଦିବସ ପାଳନ କରାଯାଇଥିଲା। ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଯେଉଁ ଛାତ୍ରୀଛାତ୍ରମାନେ ଭଲ ରେଜଲ୍ଟ କରିଥିଲେ ସେମାନଙ୍କୁ କାରଖାନା ମୁଖ୍ୟ ଅନିଲ କୁମାର ମିଶ୍ର ଏବଂ ଅପରେସନ ହେଡ ଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ।

**ସୁନ୍ଦରଗଡ (ଡି.ଏନ.ଏ.):** ସୁନ୍ଦରଗଡ ପବ୍ଲିକ ସ୍କୁଲରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଆୟୋଜିତ ସମାରୋହରେ ପୂର୍ବତନ ବାଚସ୍ପତି କିଶୋର ଚନ୍ଦ୍ର ପଟେଲ ମୁଖ୍ୟଅତିଥି ଭାବରେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ଡ.ହରପ୍ରିୟା ପଟେଲ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ମୁଖ୍ୟଅତିଥି ପୁରସ୍କାର ବିତରଣ କରିଥିଲେ।

## ସବୁ କ୍ଷେତ୍ରରେ ରାଉରକେଲାର ରହିଛି ସ୍ୱତନ୍ତ୍ର ପରିଚୟ

**ରାଉରକେଲା ଅଫିସ,୧୬।୮**

ରାଉରକେଲା ସହରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ୭୬ତମ ସ୍ୱାଧୀନତା ଦିବସ ପାଳିତ ହୋଇଛି। ଉଦିତନଗର ପରେଡ ପଡିଆରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଆୟୋଜିତ ସ୍ୱାଧୀନତା ଦିବସ ଉତ୍ସବରେ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ଡ. ସୁରେଶ ଚନ୍ଦ୍ର ଦଳାଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। କଳା, ସଂସ୍କୃତି, ଐତିହ୍ୟ ଓ କ୍ରୀଡା ଆଦି କ୍ଷେତ୍ରରେ ରାଉରକେଲାର ସ୍ୱତନ୍ତ୍ର ପରିଚୟ ରହିଛି ବୋଲି ସେ ମତପ୍ରକାଶ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଏଡିଏମ୍ ଡ. ଶୁଭଙ୍କର ମହାପାତ୍ର, ଡିଆଇଜି ନୀତିଶେଖର, ରାଉରକେଲା ଏସ୍‌ପି ମୁକେଶ କୁମାର ଭାମୁ, ପାନପୋଷ ଉପଜିଲାପାଳ ଦୌଲତ ଚନ୍ଦ୍ରାକର, ତହସିଲଦାର ଚନ୍ଦ୍ରକାନ୍ତ ମଲ୍ଲିକ, ଆରଏମ୍‌ସି ଡେପୁଟି କମିଶନର ସୁଧାଂଶୁ ଶେଖର ଭୋଇ, ଆସିଷ୍ଟାଣ୍ଟ କମିଶନର ନରେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫତିମା ଏକ୍କା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ସେକ୍ଟର-୬ ସ୍ଥିତ ଇସ୍ପାତ ଷ୍ଟାଡିୟମ ପରିସରରେ ସ୍ୱାଧୀନତା ଦିବସ ପାଳନ କରାଯାଇଥିଲା। ଏଥିରେ ଆରଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଆର୍‌ଏସ୍‌ପିର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ରାଉରକେଲା ଏନ୍‌ଆଇଟି ପରେଡ ପଡିଆରେ ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ରାଓ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସେକ୍ଟର-୨୧ ସ୍ଥିତ ରାଉରକେଲା ଜର୍ନାଲିଷ୍ଟ ଆସୋସିଏଶନ ପକ୍ଷରୁ ସଭାପତି ବିରଞ୍ଚି ନାରାୟଣ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ସ୍ୱାଧୀନତା ଦିବସ ପାଳିତ ହୋଇଥିଲା।



ସ୍ୱାଧୀନତା ଦିବସ ପାଳନ ଉତ୍ସବରେ ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି ।

## ସଂଗ୍ରାମୀମାନଙ୍କ ଅବଦାନକୁ ମନେ ପକାଇଲେ

**ସୁନ୍ଦରଗଡ,୧୬।୮(ଡି.ଏନ.ଏ.)**

ସୁନ୍ଦରଗଡ ରିଜର୍ଭ ପୋଲିସ ପଡିଆଠାରେ ୭୬ତମ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏହି ଉତ୍ସବରେ ଶିଳ୍ପ ତଥା ଶକ୍ତି ବିଭାଗର ମନ୍ତ୍ରୀ ପ୍ରତାପ କେଶରୀ ଦେବ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ।

ଏହି ଅବସରରେ ମନ୍ତ୍ରୀ ଦେଶ ତଥା ରାଜ୍ୟର ମହାନ ସ୍ୱାଧୀନତା ସଂଗ୍ରାମୀମାନଙ୍କ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହାଛଡା ସୁନ୍ଦରଗଡ ଜିଲା ସଂଗ୍ରାମୀମାନଙ୍କର ଅବଦାନକୁ ମନ୍ତ୍ରୀ ମନେ ପକାଇଥିଲେ। ମନ୍ତ୍ରୀ ଆହୁରି କହିଥିଲେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ରାଜ୍ୟରେ ବିକାଶର ଧାରା ଜାରି ରହିଛି। ସୁନ୍ଦରଗଡ ଜିଲା ମଧ ଏହି ଧାରାରେ ଯୋଡି ହୋଇଛି। ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ବୈଷୟିକ ଶିକ୍ଷା, ଦକ୍ଷତା ବିକାଶ, ଉଦ୍ୟୋଗ ବିକାଶ, ଗମନାଗମନ ଏବଂ କ୍ରୀଡା ଆଦି କ୍ଷେତ୍ରରେ ସୁନ୍ଦରଗଡ ଉଲ୍ଲେଖନୀୟ ସଫଳତା ହାସଲ କରିପାରିଛି। ଏହି ଜିଲାସ୍ତରୀୟ ସ୍ୱାଧୀନତା ଦିବସ ସମାରୋହରେ ଜିଲାପାଳ ଡା. ପରାଗ ହର୍ଷଦ ଗାଭାଲି, ଏସପି ସାଗରିକା ନାଥ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଭୈରବ ସିଂ ପଟେଲ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଶିବଶଙ୍କର ଟପ୍ପୋ, ସଦର ଉପଜିଲାପାଳ ଅଭିମନ୍ୟୁ ବେହେରା ଏବଂ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ ପ୍ରମୁଖ ଉପସ୍ଥିତ ଥିଲେ। ରିଜର୍ଭ ପୋଲିସ ପକ୍ଷରୁ ପରେଡ ପ୍ରଦର୍ଶନ କରାଯାଇଥିଲା। ସେହିପରି ଜିଲାପାଳଙ୍କ କାର୍ଯ୍ୟାଳୟ, ଜିଲା ଖଣିଜ ପ୍ରତିଷ୍ଠାନ ଏବଂ ରେଡକ୍ରସ କାର୍ଯ୍ୟାଳୟରେ ଜିଲାପାଳ ଗାଭାଲି ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହାଛଡା ବିଭିନ୍ନ ସରକାରୀ ଅଫିସ, ସ୍କୁଲ, କଲେଜ, ଅନୁଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା ।



ଜିଲାସ୍ତରୀୟ ସ୍ୱାଧୀନତା ଦିବସ ଉତ୍ସବରେ ମନ୍ତ୍ରୀ ଉଦ୍‌ବୋଧନ ଦେଉଛନ୍ତି ।

## ୭୫ ମିଟର ଜାତୀୟ ପତାକା ଧରି ଶୋଭାଯାତ୍ରା

**ଦେବଗଡ଼,୧୬।୮(ଡି.ଏନ.ଏ)**

୭୬ ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ଜିଲାପାଳ ସୌମେଶ ଉପାଧ୍ୟାୟ ସପୋର୍ଟ ଶିଶୁ ଆଶ୍ରୟ ଗୃହକୁ ଯାଇ ଅନାଥ ଶିଶୁଙ୍କ ସହ କିଛି କ୍ଷଣ ରହିବା ସହ ସେମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ପରେ ସେ ସ୍ୱତନ୍ତ୍ର ଉପ କାରାଗାର ଓ ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନରେ ଯାଇ ଅନ୍ତେବାସୀଙ୍କୁ ଭେଟି ସୁବିଧା ଅସୁବିଧା ପଚାରି ବୁଝିବା ସହ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ଡ୍ରାଇଭର ମହାସଂଘ ପକ୍ଷରୁ ପତାକା ଉତ୍ତୋଳନ ପରେ ସଭାପତି ଆଦିତ୍ୟ ପ୍ରସାଦ ବେହେରାଙ୍କ ନେତୃତ୍ୱରେ ୭୫ ମିଟର ଲମ୍ବ ଏକ ତ୍ରିରଙ୍ଗା ଧରି ନଗର ପରିକ୍ରମା କରାଯାଇଥିଲା।

## ଦୁର୍ନୀତିମୁକ୍ତ ସମାଜ ଗଠନରେ ଜନତାଙ୍କ ଯୋଗଦାନ ଆବଶ୍ୟକ

### ଦେବଗଡ଼ ଜିଲାରେ ୭୬ତମ ସ୍ୱାଧୀନତା ଦିବସ ପାଳନ

**ଦେବଗଡ଼,୧୬।୮(ଡି.ଏନ.ଏ)**

ଦେବଗଡ଼ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମଠାରେ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏଥିରେ ଜିଲାପାଳ ସୌମେଶ ଉପାଧ୍ୟାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଦେଶ ସ୍ୱାଧୀନତା ସଂଗ୍ରାମରେ ନିଜ ଜୀବନକୁ ଆହୂତି ଦେଇଥିବା ସମସ୍ତ ସଂଗ୍ରାମୀଙ୍କୁ ନମନ କରିବା ସହ ସ୍ୱାଧୀନ ଭାରତରେ ଦୁର୍ନୀତିମୁକ୍ତ ସମାଜ ଗଠନରେ ପ୍ରତ୍ୟକ ଜନସାଧାରଣ ନିଜର ଯୋଗଦାନ ଦେବାକୁ ଆହ୍ୱାନ ଦେଇଥିଲେ। ଏସ୍‌ପି ପ୍ରମୋଦ କୁମାର ରଥ ମଞ୍ଚାସୀନ ଥିବାବେଳେ ସର୍ଜେଣ୍ଟ ଗୋବିନ୍ଦ ଚନ୍ଦ୍ର ମାରାଣ୍ଡିଙ୍କ ନେତୃତ୍ୱରେ ଜାତୀୟ ପତାକାକୁ ସଲାମୀ ଦିଆଯାଇଥିଲା।

## ଲାଞ୍ଚ ନେଇ ଧରାପଡ଼ିଲେ ମୁଖ୍ୟ କିରାଣି

**ଦେବଗଡ,୧୬।୮(ଡି.ଏନ.ଏ)**

ଦେବଗଡ଼ ଜିଲା ବାରକୋଟ ତହସିଲର ମୁଖ୍ୟ କିରାଣୀ ରାଜକିଶୋର କାଲୋ ଲାଞ୍ଚ ନେଉଥିବା ବେଳେ ମଙ୍ଗଳବାର ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ଏ ନେଇ ଭିଜିଲାନ୍ସ ପକ୍ଷରୁ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଜାରି ରହିଛି। ସୂଚନା ଅନୁସାରେ, ବାରକୋଟ ତହସିଲରେ କାର୍ଯ୍ୟରତ ମୁଖ୍ୟ କିରାଣୀ କାଲୋ ଆର୍‌ଓଆର ପ୍ରଦାନ କରିବା ପାଇଁ କିରଣ ଶିଙ୍ଗ ମୁଣ୍ଡାଙ୍କୁ ୫ହଜାର ଟଙ୍କା ଲାଞ୍ଚ ମାଗିଥିଲେ । ଏ ନେଇ କିରଣ ଭିଜିଲାନ୍ସ ବିଭାଗରେ ଅଭିଯୋଗ କରିଥିଲେ। ଏହି କ୍ରମରେ ମଙ୍ଗଳବାର ରାଜକିଶୋର ତାଙ୍କ ସରକାରୀ କ୍ୱାର୍ଟର୍ସରେ କିରଣଙ୍କଠାରୁ ଲାଞ୍ଚ ଟଙ୍କା ନେଉଥିବା ବେଳେ ସେଠାରେ ପୂର୍ବରୁ ଛପି ରହିଥିବା ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ କାବୁ କରିଥିଲେ। କାଲୋଙ୍କ ନିକଟରୁ ରାସାୟନିକ ପ୍ରଲେପ ଦିଆ ୫୦୦୦ ଟଙ୍କା ଜବତ କରିବା ସହିତ ତାଙ୍କୁ ଭିଜିଲାନ୍ସ ଗିରଫ କରିଛି ।

## ମହେଶ ବ୍ରଦର୍ସ ଚାମ୍ପିୟନ

### ଡୁଡାଲଗା ଫୁଟବଲ ଟୁର୍ନାମେଣ୍ଟ

**ବଡ଼ଗାଁ,୧୬।୮(ଡି.ଏନ.ଏ.)**

ବଡ଼ଗାଁ ବ୍ଲକ ଅନ୍ତର୍ଗତ ଡୁଡାଲଗା ଗ୍ରାମରେ ଗତ ୧୧ ତାରିଖଠାରୁ ଆରମ୍ଭ ହୋଇଥିବା ପଞ୍ଚ ଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ୧୫ ତାରିଖ ଉଦଯାପିତ ହୋଇଯାଇଛି। ୩୨ ଟିମ୍ ଅଂଶଗ୍ରହଣ କରିଥିବା ଏହି ଟୁର୍ନାମେଣ୍ଟର ସେମି ଫାଇନାଲ ମ୍ୟାଚରେ ପିଣ୍ଡାପଥର ଟିମ୍‌କୁ ହରାଇ ମହେଶ ବ୍ରର୍ଦସ ଓ ବାଣ୍ଟୁପଡାକୁ ହରାଇ ମକୁନ୍ଦପୁର ଫାଇନାଲକୁ ପ୍ରବେଶ କରିଥିଲେ। ଫାଇନାଲ ମ୍ୟାଚରେ ମହେଶ ବ୍ରର୍ଦସ ୧ ଗୋଲରେ ମକୁନ୍ଦପୁରକୁ ହରାଇ ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ତଲସରା ବିଧାୟକ ଭବାନୀ ଶଙ୍କର ଭୋଇ ମୁଖ୍ୟଅତିଥି ଓ ବଡ଼ଗାଁ ବ୍ଲକ ଅଧ୍ୟକ୍ଷା ଦୁଲାରୀ ସୋରେଙ୍ଗ, ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ, ଡୁଡାଲଗା ସରପଞ୍ଚ ସୁଦୀପ ବାଡା ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଚାମ୍ପିୟନ ଟିମ୍‌କୁ ୭୦ ହଜାର ଟଙ୍କା ସହିତ ଟ୍ରଫି ଓ ଉପ ବିଜେତା ଟିମ୍‌କୁ ୪୫ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଏହା ସହିତ ତୃତୀୟ ସ୍ଥାନ ପାଇଥିବା ପିଣ୍ଡାପଥର ଟିମ୍ ଓ ଚତୁର୍ଥ ସ୍ଥାନ ପାଇଥିବା ବାଣ୍ଟୁପଡା ଟିମ୍‌କୁ ପୁରସ୍କୃତ କରାଯାଇଥିଲା। ଟୁର୍ନାମେଣ୍ଟରେ ଭଲ ଖେଳ ପ୍ରଦର୍ଶନ କରିଥିବା ଖେଳାଳିମାନଙ୍କୁ ପୁରସ୍କାର ଦିଆଯାଇ ସମ୍ମାନିତ କରାଯାଇଥିଲା। ବେଷ୍ଟ ସ୍କୋରର ଭାବେ ମହେଶ ବ୍ରର୍ଦସର ରାହୁଲ ମୁଖି , ବେଷ୍ଟ ଡିଫେଣ୍ଡର୍ ଭାବେ ଦିଲିପ ଓ ମକୁନ୍ଦପୁର ଟିମର ଅମର ମିଞ୍ଜଙ୍କୁ ବେଷ୍ଟ ଗୋଲକିପର ଭାବେ ପୁରସ୍କୃତ କରାଯାଇଥିଲା। ହେମନ୍ତ ଦାସ, ଡିଲେଶ୍ୱର୍ କିସାନ, ସନ୍ୟାସୀ ମୁଣ୍ଡା, ଯୋଗିନ୍ଦ୍ର କିସାନ ଖେଳ ପରିଚାଳନା କରିଥିଲେ । ଆୟୋଜକ ସ୍ଥାନୀୟ ଜୟ ଶ୍ରୀରାମ କ୍ଲବର ସଦସ୍ୟ ଓ ଟୁର୍ନାମେଣ୍ଟ କମିଟିର ସଦସ୍ୟ ଜଗ ମାଝୀ, ସାଗର ନାଏକ, ପୂର୍ଣ୍ଣ ମାଝୀ, ସଞ୍ଜୟ, ସୁନିଲ ପ୍ରମୁଖ ବିଭିନ୍ନ କାର୍ଯ୍ୟ ତୁଲାଇଥିଲେ।

## ଏମ୍‌ସ ପ୍ରତିଷ୍ଠା ଦାବିରେ ଆମରଣ ଅନଶନ




ଡିଆରଡିଏ ଛକ ନିକଟରେ ଆମରଣ ଅନଶନରେ ବସିଥିବା ଯୁବାମଞ୍ଚର ସଦସ୍ୟ ।

**ସୁନ୍ଦରଗଡ,୧୬।୮(ଡି.ଏନ.ଏ.)**

ସୁନ୍ଦରଗଡରେ ଏମ୍‌ସ ପ୍ରତିଷ୍ଠା ଦାବିରେ ପଶ୍ଚିମ ଓଡ଼ିଶା ଯୁବା ମଞ୍ଚ ପକ୍ଷରୁ ସ୍ଥାନୀୟ ଡିଆରଡିଏ ଛକରେ ମଙ୍ଗଳବାରଠାରୁ ଆମରଣ ଅନଶନ ଆରମ୍ଭ ହୋଇଛି । ଯୁବା ମଞ୍ଚର ଦିନେଶ ପଟେଲ, ଶୁଭମ ମହାପାତ୍ର, ସୁମିତ ଦାସ, ରଞ୍ଜନ ମହାନନ୍ଦିଆ ଅନଶନରେ ବସିଛନ୍ତି । ସୁନ୍ଦରଗଡ ତଥା ପଶ୍ଚିମ ଓଡ଼ିଶାର ନ୍ୟାର୍ଯ୍ୟ ଦାବିକୁ ନେଇ ଆରମ୍ଭ ହୋଇଥିବା ଏହି ଆମରଣ ଅନଶନକୁ ସ୍ଥାନୀୟ ନାଗରିକ କମିଟି ଜିଲା ଓକିଲ ସଂଘ ସମେତ ବିଭିନ୍ନ ରାଜନୈତିକ ଦଳ ଓ ସାମାଜିକ ସଙ୍ଗଠନ ସମର୍ଥନ ଜଣାଇଛନ୍ତି। ପିସିସି ସାଧାରଣ ସମ୍ପାଦକ ରାଜ କିଶୋର ଷଡ଼ଙ୍ଗୀ, ଜିଲା କଂଗ୍ରେସ କମିଟି ସଭାପତି ବେଣୁମାଧବ ତ୍ରିପାଠୀ, ସାମାଜିକ କର୍ମୀ ହିମାଂଶୁ ସରଙ୍ଗୀ, ସିଦ୍ଧାର୍ଥ ପଣ୍ଡା, ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ, ପୂର୍ବତନ ବିଧାୟକ ତଥା ବିଜେଡି ନେତା ଯୋଗେଶ ସିଂ, ଭାଜପା ଯୁବ ନେତା ଅଜୟ ପଟେଲଙ୍କ ସମେତ ସାଧାରଣ ଜନତା ସମର୍ଥନ ଜଣାଇ ଏଥିରେ ସାମିଲ ହୋଇଛନ୍ତି।

## ପ୍ରତାରଣା ଅଭିଯୋଗ: ପ୍ରେମିକ କୋର୍ଟ ଚାଲାଣ

**ଲହୁଣୀପଡା,୧୬।୮(ଡି.ଏନ.ଏ.)**

ଜଣେ ଯୁବତୀଙ୍କୁ ପ୍ରତାରଣା କରିବା ଅଭିଯୋଗରେ ପୋଲିସ ଲହୁଣୀପଡା ଥାନା ଅନ୍ତର୍ଗତ କୁରଡ଼ା ପଞ୍ଚାୟତ ବଳଡ଼ିହି ଗ୍ରାମର ନିର୍ମଳ ମାହାନ୍ତ (୨୨)ଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି । ପ୍ରକାଶ ଯେ, ବଳଡ଼ିହି ଗ୍ରାମର ନିର୍ମଳ ଜଣେ ଯୁବତୀଙ୍କୁ ବିବାହ କରିବାର ପ୍ରତିଶ୍ରୁତି ଦେଇ ପ୍ରେମ ସମ୍ପର୍କ ରଖିଥିଲେ । ଯୁବତୀ ଜଣକ ବିବାହ କରିବା ପାଇଁ ଜିଦ ଧରିବାରୁ ପ୍ରେମିକ ବିଭିନ୍ନ ଆଳ ଦେଖାଇ ସମୟ ଗଡେଇ ଚାଲିଥିଲେ । ଫଳରେ ଯୁବତୀ ଜଣକ ନିରାଶ ହୋଇ ନ୍ୟାୟ ପାଇବା ଆଶାରେ ଲହୁଣୀପଡା ଥାନାରେ ଲିଖିତ ଅଭିଯୋଗ କରିଥିଲା। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇବା ସହିତ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ ।

## ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ସହାୟତା ପ୍ରଦାନ

ଲୋଇସିଂହା,(ଡି.ଏନ.ଏ): ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଡୁଡୁକା ଏସବିଆଇ ଶାଖା ତରଫରୁ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନା ଅନ୍ତର୍ଗତ ହିତାଧିକାରୀଙ୍କ ଉତ୍ତରାଧିକାରୀଙ୍କୁ ମଙ୍ଗଳବାର ସହାୟତା ପ୍ରଦାନ କରାଯାଇଛି। ଝରଣୀପାଲି ପଞ୍ଚାୟତ ଆଡେନଡୁଙ୍ଗରୀ ଗ୍ରାମର ସୁନାଫୁଲ ମିର୍ଦ୍ଧା ଡୁଡୁକା ଏସବିଆଇ ଶାଖାରେ ବାର୍ଷିକ ୩୩୦ ଟଙ୍କାର ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା କରିଥିଲେ। ଗତ ୨ ଜାନୁୟାରୀ ୨୦୨୨ରେ ତାଙ୍କର ମୃତ୍ୟୁ ଘଟିଥିଲା। ଶାଖା ପରିଚାଳକ କିଷୁନ ହନୁମାନ ଆଡେନଡୁଙ୍ଗରୀ ଯାଇ ମୃତାଙ୍କ ସ୍ୱାମୀ ଅକ୍ରୁର ମିର୍ଦ୍ଧାଙ୍କୁ ୨ ଲକ୍ଷ ଟଙ୍କାର ଚେକ ପ୍ରଦାନ କରିଛନ୍ତି।

# ପୁଣି ଭୁଶୁଡ଼ିଲା ଜୋଙ୍କ ନଦୀ ପୋଲ

ନୂଆପଡ଼ା ଅଫିସ,୧୬।୮

ନୂଆପଡା ଜିଲା ସଦର ମହକୁମାଠାରୁ ଛତିଶଗଡକୁ ସଂଯୋଗ କରୁଥିବା ଜୋଙ୍କ ନଦୀ ପୋଲ ସାରାବଙ୍ଗଠାରେ ଗତ ୧୦ ତାରିଖ ରାତିରେ ଭୁଶୁଡ଼ିଥିଲା। ପୋଲ ବିପଦସଙ୍କୁଳ ଥିବାରୁ ଜିଲା ପ୍ରଶାସନ ପକ୍ଷରୁ ରାସ୍ତା ସିଲ କରି ଦିଆଯାଇଥିଲା। ସେହି ରାସ୍ତା ଦେଇ ଯାତାୟାତ ବନ୍ଦ ରହିଥିଲା। ଭାଙ୍ଗି ଯାଇଥିବା ପୋଲକୁ ଅସ୍ଥାୟୀ ଭାବେ ମରାମତି କରି ଲୋକଙ୍କ ସୁବିଧାରେ ଯାଇ ପାରିବେ ବୋଲି ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚାଲିଥିବା ବେଳେ ସୋମବାର ରାତିରେ ପୁଣି ଭୁଶୁଡ଼ିଛି। ଫଳରେ ବଡ ଘାଇ ସୃଷ୍ଟି ହୋଇଛି। ଏହି ପୋଲ ଭୁଶୁଡ଼ିବାରୁ ୫୦ରୁ ଊର୍ଦ୍ଧ୍ୱ ଗାଁ ସମେତ ଛତିଶଗଡକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡିଛି। ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ଅପର ଜୋଙ୍କ ଜଳସେଚନ ପ୍ରକଳ୍ପ ପତୋରା ଡ୍ୟାମର ବନ୍ୟା ଜଳ ନିଷ୍କାସନ ପାଇଁ ୨ଟି ଗେଟ ଖୋଲିବାରୁ


ଭୁଶୁଡ଼ି ପଡ଼ିଥିବା ପୋଲ।

ଅତ୍ୟଧିକ ପାଣି ହୋଇ ସାରାବଙ୍ଗ ପାୱାରତୋଲାଠାରେ ନିର୍ମାଣାଧୀନ ଜୋଙ୍କ ନଦୀ ପୋଲ ଉପରେ ପାଣି ଯିବା ସହିତ ନଦୀର ଦୁଇ ପାର୍ଶ୍ୱରେ ମାଟି ଖାଇ ଯାଇଛି ଓ ମଧ୍ୟ ଭାଗରେ ପୋଲ ଭଙ୍ଗି ପଡିଛି। ଫଳରେ ଆମାନାରା, କେନ୍ଦୁବାହାରା, ମୋଟାନୂଆପଡା ୩ ପଞ୍ଚାୟତରୁ ୩୫ ଗାଁ ଓ ଛତିଗଡର ପଡୋଶୀ ଗାଁଗୁଡିକ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡିଛି। ଏଥିରେ ପାଖାପାଖି ୩୦ ହଜାର ଲୋକ ପ୍ରଭାବିତ ହେବା ଜଣାପଡିଛି। ଦୀର୍ଘ ଦିନରୁ ଏହି ପୋଲ ସ୍ଥାନରେ ଉଚ୍ଚ ବ୍ରିଜ ନିର୍ମାଣ ପାଇଁ ଦାବି କରି ଆସୁଥିଲେ। ହେଲେ କୌଣସି ଅଧିକାରୀ କର୍ଣ୍ଣପାତ କରୁ ନ ଥିଲେ। ଏଥିପ୍ରତି ଉଚ୍ଚକର୍ତ୍ତୃପକ୍ଷ ଦୃଷ୍ଟି ଦେଇ ଶୀଘ୍ର ଉଚ୍ଚ ବ୍ରିଜ ନିର୍ମାଣ କରିବା ପାଇଁ ଜିଲା ପରିଷଦ ସଦସ୍ୟ ଭରତଲାଲ ରାଉତ, ପ୍ରକାଶ ଦୀକ୍ଷିତ, ରାମଚନ୍ଦ୍ର ସାହୁ, ରାମସିଂ ମାଝି, ଶୁଭ କୁମାର ଦୀକ୍ଷିତ, ନରେଶ ସାହୁ, ଗୋବିନ୍ଦ ଦଣ୍ଡସେନା ପ୍ରମୁଖ ଦାବୀ କରିଛନ୍ତି।

## ସଂକ୍ଷେପରେ

### ଏନ୍ଏସି ଅଧ୍ୟକ୍ଷଙ୍କୁ ଦାବିପତ୍ର ପ୍ରଦାନ

ଗୁଡ଼ଭେଲା,୧୬।୮ (ଡି.ଏନ.ଏ.): ବଲାଙ୍ଗୀର ଜିଲା ତୁଷୁରା ଏନଏସିର ୫ନମ୍ବର ପୋଖରୀର ଜଳ ନିଷ୍କାସନ ପାଇଁ ନିର୍ମାଣ ହୋଇଥିବା ଆଡିବନ୍ଧର ଉଚ୍ଚତା କମାଇବା ପାଇଁ ଚାଷୀମାନେ ଦାବି କରିଛନ୍ତି। ପ୍ରଶାନ୍ତ ଦୀପ, ବିଜୟ ଲକ୍ଷ୍ମୀ ଦୀପ, ବିପିନ କୁମୁରା, ଦୟା ମେହେର ପ୍ରମୁଖ ଚାଷୀ ମଙ୍ଗଳବାର ଏନଏସି ଅଧ୍ୟକ୍ଷ ଅଜୟ କୁମାର ଜୟଶ୍ୱାଲଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ସେମାନେ ଦର୍ଶାଇଛନ୍ତି ଯେ, ୫ନମ୍ବର ପୋଖରୀର ଉପରମୁଣ୍ଡରେ ୧୦ଏକର ଚାଷ ଜମି ରହିଛି। ହେଲେ ବିଗତ ୫ବର୍ଷ ହେଲାଣି ଏହି ପୋଖରୀରେ ଜଳ ନିଷ୍କାସନ ପାଇଁ ନିର୍ମାଣ ହୋଇଥିବା ଆଡିବନ୍ଧର ଉଚ୍ଚତା ୫ଫୁଟରୁ ଊର୍ଦ୍ଧ୍ୱ ରହିଛି। ଏଥିଯୋଗୁ ପୋଖରୀରେ ଆବଶ୍ୟକତାଠାରୁ ଅଧିକ ଜଳ ଗଚ୍ଛିତ ରହିବା ଫଳରେ ଚାଷ ଜମି ଜଳମଗ୍ନ ହୋଇ ପଡୁଛି। ଏଣୁ ଚାଷ କରିବା ସମ୍ଭବ ହେଉ ନଥିବା ଦାବିପତ୍ରରେ ଦର୍ଶାଯାଇଛି।

### ଲଗାଣ ବର୍ଷାରେ ଭାଙ୍ଗିଲା ଘର, ଚାଷ କ୍ଷତିଗ୍ରସ୍ତ

ଦେଓଗାଁ,୧୬।୮(ଡି.ଏନ.ଏ): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକରେ ଲଗାଣ ବର୍ଷା ଯୋଗୁଁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଧାନ ଓ ପରିବା ଚାଷ ଉଜୁଡି ଯାଇଛି। ବିଭିନ୍ନ ଗାଁରେ କଚ୍ଚା ଘରଗୁଡିକ ଭାଙ୍ଗିଯାଇଛି। ବନ୍ଧପଡା କୃଷିସେବା ସମବାୟ ସମିତିର ପୁରୁଣା କୋଠା ଭାଙ୍ଗିଯାଇଛି। କୁଲୁତାପଡା ପଞ୍ଚାୟତ ପୁରୁଣାପାଣି ଶୁଲିଆକନ୍ଧ ବିଦ୍ୟାପୀଠରେ ଗଛ ପଡି କ୍ଷତିଗ୍ରସ୍ତ ହୋଇଛି। ପୁରୁଣାପାଣି ଗାଁର ନିଳାମ୍ବର ହରପାଲ,ଗଜିନ୍ଦ୍ର ମଲ୍ଲିକ,ହେମସାଗର ହରପାଲ,ସନାତନ ବାରିକ ପ୍ରମୁଖଙ୍କ ଘର ଭାଙ୍ଗିଛି।

### ୨ ଦିନ ହେଲା ହାଲେର ଆପ୍ରୋଚ ପୋଲରେ ବର୍ଷା ପାଣି

ଭବାନୀପାଟଣା,୧୬।୮(ସ୍ୱ.ପ୍ର.) କଳାହାଣ୍ଡି ଜିଲାରେ ଲଘୁଚାପ ପ୍ରଭାବରେ ଗତ ୩ ଦିନ ଧରି ଲଗାଣ ବର୍ଷା ହୋଇଥିଲା। ଏହାର ପ୍ରଭାବରେ ଜୁନାଗଡ଼ ବ୍ଲକ ବଣ୍ଡାକୁଟା ନିକଟସ୍ଥ ହାଲେର ଜୋର ଆପ୍ରୋଚ୍ ପୋଲ ଉପରେ ସୋମବାର ସକାଳୁ ବର୍ଷା ପାଣି ପ୍ରବାହିତ ହେଉଛି। ଯାହାକି ମଙ୍ଗଳବାର ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳିଛି। ଏପଟେ ୨ ଦିନ ହେଲା ଆପ୍ରୋଚ ପୋଲ ଉପରେ ପାଣି ଚାଲିବା ପରେ ଜୁନାଗଡ଼-ଧର୍ମଗଡ଼ ଜାତୀୟ ରାଜପଥ ୧୩୦ ସି ମୁଖ୍ୟ ରାସ୍ତାରେ ଯାତାୟାତ ବନ୍ଦ ରହିଛି। ପ୍ରକାଶ ଯେ, ହାଲେର ଜୋର ଉପରେ ନିର୍ମାଣ ହେଉଥିବା ପୋଲ କାମ ଅଧାପନ୍ତରିଆ ହୋଇଛି। ଫଳରେ ସେଠାରେ ନିର୍ମାଣ କରାଯାଉଥିବା ଆପ୍ରୋଚ ପୋଲ ଉପରେ ଗତ ମାସକ ମଧ୍ୟରେ ଏହାକୁ ମିଶାଇ ୫ ଥର ବର୍ଷା ପାଣି ପ୍ରବାହିତ ହୋଇ ସାରିଲାଣି। ଏହି ସମୟରେ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ରହୁଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଏବେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଏହାର ସମାଧାନ କରିବାକୁ ଦାବି ହୋଇଛି।

### ଖେଳ ଶିକ୍ଷକ ସଂଘର ବୈଠକ

ଦେଓଗାଁ,୧୬।୮(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ପଞ୍ଚାୟତ ସମିତି ହାଇସ୍କୁଲରେ ମଙ୍ଗଳବାର ଖେଳ ଶିକ୍ଷକ ସଂଘର ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। କୁଲତାପଡା ହାଇସ୍କୁଲ ଖେଳ ଶିକ୍ଷକ ପାଲେଶ୍ୱର ବାଗଙ୍କ ପରିଚାଳନା ତଥା ଦେଓଗାଁ ବ୍ଲକ ଶିକ୍ଷା ଅଧିକାରୀ ଗୋବର୍ଦ୍ଧନ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ଅନ୍ତର୍ଯ୍ୟାମୀ ବିଶ୍ୱାଲ ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଅଜିତ କୁମାର ମିଶ୍ର, ଖେଳ ଶିକ୍ଷକ ହେମନ୍ତ ପଧାନ ଉପସ୍ଥିତ ଥିଲେ। ବନ୍ଧପଡା ଖେଳ ଶିକ୍ଷକ ତଥା ସଂଘ ସମ୍ପାଦକ ଉମେଶ ଚନ୍ଦ୍ର ପାଣିଗ୍ରାହୀ ବାର୍ଷିକ ବିବରଣୀ ପାଠ କରିଥିଲେ। ବୈଠକରେ ଖେଳ ଶିକ୍ଷକଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଏଥିସହ ଆସନ୍ତା ବ୍ଲକସ୍ତରୀୟ ଖେଳକୁଦ ପ୍ରତିଯୋଗିତା ଦେଓଗାଁ ବାଳିକା ହାଇସ୍କୁଲ ଖେଳ ପଡିଆରେ ଅନୁଷ୍ଠିତ ହେବାପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହାସହ ପ୍ରତ୍ୟେକ ହାଇସ୍କୁଲରେ କେମିତି ଛାତ୍ରୀଛାତ୍ରମାନେ ଜିଲା ତଥା ରାଜ୍ୟସ୍ତରରେ ସୁନାମ ଅର୍ଜନ କରିବେ ସେଉପରେ ସମସ୍ତେ ଉଦ୍ୟମ କରିବାପାଇଁ ମତ ପ୍ରକାଶ ପାଇଥିଲା। ବୈଠକରେ ଦେଓଗାଁ ବ୍ଲକର ୨୬ ଟି ହାଇସ୍କୁଲରୁ ଖେଳ ଶିକ୍ଷକ ବୃନ୍ଦ ଉପସ୍ଥିତ ଥିଲେ।

# ସ୍ୱାଧୀନତାର ମୂଲ୍ୟ ବୁଝିବାକୁ ହେବ


୩ କୃତୀ ଛାତ୍ରୀଙ୍କୁ ସମ୍ମାନିତ କରାଯାଉଛି।

ଲୋଇସିଂହା,୧୬।୮(ଡି.ଏନ.ଏ.)

ଦେଶର ସ୍ୱାଧୀନତା ପାଇଁ ବୀର ସଂଗ୍ରାମୀମାନେ ସେମାନଙ୍କ ଜୀବନକୁ ଉତ୍ସର୍ଗ କରିଥିଲେ। ସେମାନଙ୍କ ତ୍ୟାଗ, ବଳୀଦାନ ଯୋଗୁ ଆମେ ଆଜି ସ୍ୱାଧୀନତା ହାସଲ କରିଛେ। ଏହି କଷ୍ଟଲବ୍ଧ ସ୍ୱାଧୀନତାର ମୂଲ୍ୟ ବୁଝି ଆମକୁ ଆଗକୁ ଯିବାକୁ ପଡିବ। ବଲାଙ୍ଗୀର ଜିଲା ଲୋଇସିଂହା ଓ ଆଗଲପୁର ବ୍ଲକର ବିଭିନ୍ନ ସ୍ଥାନରେ ସ୍ୱାଧୀନତା ଦିବସ ପାଳନ ଅବସରରେ ଅତିଥିମାନେ ଏହି ମତ ରଖିଥିଲେ। ଲୋଇସିଂହା ଷ୍ଟାଡିୟମଠାରେ ଜନ କଲ୍ୟାଣ ଯୁବ ସାମ୍ମୁଖ୍ୟ କ୍ଲବ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ଦିଲୀପ କୁମାର ବେହେରା ଜାତୀୟ ପତାକା ଉତ୍ତୋଳନ କରଥିଲେ। ବୁର୍ଡା ପଞ୍ଚାୟତ ଓ ପାଟଣେଶ୍ୱରୀ ପାଠାଗାରଠାରେ ସ୍ଥାନୀୟ ସରପଞ୍ଚ ସୁଦୀପ କୁମାର ସା, ବୁର୍ଡା ପ୍ରାଥମିକ କୃଷି ସମବାୟ ସମିତିରେ ସଭାପତି ବାଳଗୋପାଳ ସାହୁ, ଆଗଲପୁର ବ୍ଲକ ବୁରୋଭାଡି ପ୍ରାଥମିକ ସମାବାୟ ସମିତିରେ ସମ୍ପାଦକ ପ୍ରତିମ ମିଶ୍ର ଜାତୀୟ ପତାକା ଉତ୍ତୋଳନ କରିଥିଲେ। ନଅଗାଁ(ଖ) ପଲ୍ଲୀଆଲୋକ ପାଠାଗାରରେ ଅନୁଷ୍ଠାନ ସମ୍ପାଦକ ପ୍ରଶାନ୍ତ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଅବସରପ୍ରାପ୍ତ ସୈନିକ ସଦାନନ୍ଦ ପଶାୟତ ଅତିଥିଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ଚଳିତ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ୩ ଛାତ୍ରୀ ଲିପ୍ସା ସାହୁ, ପ୍ରତିମାରାଣୀ ପଶାୟତ ଓ ମୌସୁମୀରାଣୀ ପଧାନକୁ ଅନୁଷ୍ଠାନ ତରଫରୁ ସମ୍ମାନୀତ କରାଯାଇଥିଲା।

# ଡକାୟତି ଘଟଣା ସହ ଡ୍ରୋନ୍‌ର ଲିଙ୍କ୍ ନାହିଁ: ଏସ୍‌ପି

ଭବାନୀପାଟଣା,୧୬।୮(ସ୍ୱ.ପ୍ର.)

କଳାହାଣ୍ଡି ପୋଲିସ ଗତ କିଛି ଦିନ ମଧ୍ୟରେ ୨ଟି ଗ୍ୟାଙ୍ଗର ୧୨ଜଣ ଡକାୟତଙ୍କୁ ଗିରଫ କରିବା ପରେ ଜିଲାରେ ଚୋରି ଭୟକୁ ନେଇ ସାଧାରଣ ଲୋକେ ଟିକେ ଆଶ୍ୱସ୍ତି ପାଇଥିଲେ। ଏହାପରେ ଜିଲାର ବିଭିନ୍ନ ଅଞ୍ଚଳରେ ରାତି ଅଧରେ ଡ୍ରୋନ ଉଡିବା ଘଟଣାକୁ ନେଇ ପୁଣି ପୁଣି ଚର୍ଚ୍ଚାର ବିଷୟ ହୋଇଥିଲା। ଏହି ଡ୍ରୋନ କିଏ ଉଡାଉଛି ଓ କେଉଁ ଉଦ୍ଦେଶ୍ୟରେ ତାହାକୁ ନେଇ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ଦେଖିବାକୁ ମିଳିଥିଲା। ତେବେ କିଛିଦିନର ବ୍ୟବଧାନ ପରେ କଳାହାଣ୍ଡି ପୋଲିସ ହାତରେ ଏହି ଡ୍ରୋନ ଲାଗିଛି। ମଙ୍ଗଳବାର ଅପରାହ୍ନରେ କଳାହାଣ୍ଡି ଏସ୍‌ପି ଅଭିଲାଶ ଜି ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ କାର୍ଯ୍ୟାଳୟରେ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ଡ୍ରୋନ ରାତି ଅଧରେ ଉଡୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସଠାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ ବେଳେ ଭବାନୀପାଟଣା ସଦର ଥାନା ଅଞ୍ଚଳରୁ ଏକ ମାଇକ୍ରୋ ଭେରିୟନ ଡ୍ରୋନ ଜବତ କରିଛି। ଏହାସହ ଡ୍ରୋନର ମାଲିକଙ୍କୁ ମଧ୍ୟ ପଚାରାଉଚୁରା କରିଛି। ଡ୍ରୋନ ସେ ପରୀକ୍ଷା କରିବା ପାଇଁ ଉଡଉଥିବା ଥିବା ନେଇ ସୂଚନା ଦେଇଛନ୍ତି। ଏହି ଡ୍ରୋନ ସହିତ କୌଣସି ଡକାୟତି ଗ୍ୟାଙ୍ଗର କୌଣସି ସମ୍ପର୍କ ନ ଥିବା ଏସ୍‌ପି ସ୍ପଷ୍ଟ କରିଛନ୍ତି। ସେହିପରି ଲୋକମାନେ ରାତିରେ ଡ୍ରୋନ ଦେଖିଲେ ପୋଲିସକୁ ଜଣାଇବା ସହ ଡ୍ରୋନ ବ୍ୟବହାର କରୁଥିବା ଲୋକମାନେ ଡ୍ରୋନ ଉଡାଇବା ୨୪ ଘଣ୍ଟା ପୂର୍ବରୁ ପୋଲିସକୁ ଜଣାନ୍ତୁ ବୋଲି କହିଥିଲେ।

## ଗ୍ୟାସ୍ ଲିକ୍, ଯୁବତୀ ଗୁରୁତର

ଗୋଲାମୁଣ୍ଡା,୧୬।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଚିଚିଆ ଗାଁରେ ରୋଷେଇ କରୁଥିବା ବେଳେ ଗ୍ୟାସ ଲିକ ହୋଇ ମଙ୍ଗଳବାର ଜଣେ ଯୁବତୀ ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ ଚିଚିଆ ଗାଁର ଯଶୋଦା ନାଏକ ଗ୍ୟାସରେ ରୋଷେଇ କରୁଥିଲେ। କୌଣସି କାରଣରୁ ଗ୍ୟାସ ଲିକ ହୋଇ ଯୁବତୀଙ୍କ ଦେହରେ ଲାଗିଯାଇଥିଲା। ଯୁବତୀଙ୍କ ଚିତ୍କାର ଶୁଣି ପରିବାର ଲୋକେ ଆସି ନିଆଁକୁ ଲିଭାଇବା ଉଦ୍ୟମ କରିବା ସହ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରୁ ତାଙ୍କୁ ବୁର୍ଲା ବଡମେଡିକାଲକୁ ସ୍ଥାନାନ୍ତରିତ କରିଥିବା ଜଣାପଡ଼ିଛି। ସେପଟେ ଯୁବତୀଙ୍କ ଅବସ୍ଥା ସଙ୍କଟାପନ୍ନ ରହିଥିବା ବେଳେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ବନ୍ୟାସ୍ଥିତି ଅନୁଧ୍ୟାନକଲେ ବିଧାୟକ


ବନ୍ୟା ସ୍ଥିତି ଅନୁଧ୍ୟାନ କରୁଛନ୍ତି ଜୁନାଗଡ ବିଧାୟକ।

ଜୁନାଗଡ,୧୬।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକରେ ପ୍ରବାହିତ ହାତୀ ନଦୀରେ ସୋମବାର ସକାଳୁ ବନ୍ୟା ହୋଇଥିଲା। ଏହାଯୋଗୁ ନଦୀ କୂଳରେ ଥିବା ଗାଁରେ ବନ୍ୟା ପାଣି ପଶିବା ସହ ସେଠାକାର ଚାଷ ଜମିଗୁଡିକ ଜଳମଗ୍ନ ହୋଇଥିଲା। ଏପରିସ୍ଥଳେ ସନ୍ଧ୍ୟାରେ ଜୁନାଗଡ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ବ୍ଲକର ବୋଦେଲ ଗ୍ରାମ ଯାଇ ସେଠାକାର ବନ୍ୟା ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏହି ସମୟରେ ସେଠାକାର ରାସ୍ତା, ଚାଷ ଜମି ଗୁଡିକ ପରଦର୍ଶନ କରିବା ସହ କ୍ଷତିଗ୍ରସ୍ତ ଚାଷୀଙ୍କ ସହ ଆଲୋଚନା କରିଥିଲେ। ସେହିପରି ସ୍ଥାନୀୟ ଲୋକଙ୍କ ସୁବିଧା ପାଇଁ ଖୁବ ଶୀଘ୍ର ବଣିଜରା ହାତୀନଦୀ ଉପରେ ଏକ ପୋଲ ନିର୍ମାଣ କରାଯିବ ବୋଲି କହିଥିଲେ। ଏଥିପାଇଁ ପ୍ରୟାସ ଆରମ୍ଭ ହୋଇଯାଇଛି। ଏହାଦ୍ୱାରା ରତନପଲା, ବୁଡିଦର, ବଣିଜରା, କର୍ଲାକୋଟ, ବୋଦେଲ, ଘୋଲିଯିବା ଛକ, ସାନଫୁର୍ଲା, ବଡଫୁର୍ଲା ଦେଇ ଉକ୍ତ ରାସ୍ତାରେ ଧର୍ମଗଡକୁ ସିଧାସଳଖ ଯାତାୟାତ କରିପାରିବେ। ଯଦ୍ୱାର ଏଠାକାର ଲୋକେ ମୁଖ୍ୟ ଜାତୀୟ ରାଜପଥକୁ ନ ଯାଇ ବଣିଜରା ହାତୀ ନଦୀ ପୋଲ ରାସ୍ତା ଦେଇ ଧର୍ମଗଡକୁ ଯାଇପାରିବେ ବୋଲି କହିଥିଲେ।

**ବଣିଜରା ହାତୀନଦୀରେ ହେବ ପୋଲ**

# ସନ୍ଧିକୁଲିହାରିରେ ଝାଡ଼ାବାନ୍ତରେ ଜଣେ ମୃତ, ୩୦ ଆକ୍ରାନ୍ତ

ଭବାନୀପାଟଣା,୧୬।୮(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ସନ୍ଧିକୁଲିହାରି ଗ୍ରାମରେ ଝାଡ଼ାବାନ୍ତି ଆତଙ୍କ ଦେଖାଦେଇଛି। ମଙ୍ଗଳବାର ସୁଦ୍ଧା ଗ୍ରାମରେ ୩୦ଜଣ ଆକ୍ରାନ୍ତ ହୋଇଥିବାବେଳେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତ ବୃଦ୍ଧ ଜଣକ ଗ୍ରାମର ଦେଶନ ବାଗ ବୋଲି ଜଣାପଡିଛି। ଏପଟେ ଆକ୍ରାନ୍ତ ଥିବା ସମସ୍ତ ବ୍ୟକ୍ତିଙ୍କୁ ଧର୍ମଗଡ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେଥିମଧ୍ୟରୁ ୨ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ସ୍ଥାନୀୟ ନଦୀ ପାଣି ବ୍ୟବହାର କରିବା ପରେ ଗ୍ରାମବାସୀ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ଜଣାପଡିଛି। ଅନ୍ୟପଟେ ଏହି ଘଟଣା ପରେ ସନ୍ଧିକୁଲିହାରୀ ଗ୍ରାମକୁ ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ପହଞ୍ଚି ସ୍ଥାନୀୟ ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଉଛନ୍ତି। ଏହାସହ ନଦୀର ପାଣି ବ୍ୟବହାର ନ କରି ନଳକୂପର ପାଣି ବ୍ୟବହାର କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ସଚେତନ କରାଯାଉଛି।


ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଲୋକଙ୍କ ସ୍ୱାସ୍ଥ୍ୟସେବା ଯାଞ୍ଚ କରାଯାଉଛି।

## ମଞ୍ଜୁଲତାଙ୍କୁ ଜିଲାର ଶ୍ରେଷ୍ଠ ଅଙ୍ଗନୱାଡି କର୍ମୀ ପୁରସ୍କାର

ଲୋଇସିଂହା,୧୬।୭(ଡି.ଏନ.ଏ)

ସ୍ୱାଧୀନତା ଦିବସ ପାଳନ ଅବସରରେ ବଲାଙ୍ଗୀର ଜିଲା ପ୍ରଶାସନ ପକ୍ଷରୁ ଲୋଇସିଂହା ବ୍ଲକ ଭାଲୁପାଲି ଗ୍ରାମର ଅଙ୍ଗନୱାଡି କର୍ମୀ ମଞ୍ଜୁଲତା ନାୟକଙ୍କୁ ଜିଲାର ଶ୍ରେଷ୍ଠ କର୍ମୀ ଭାବେ ପୁରସ୍କୃତ କରାଯାଇଛି। ମୁଖ୍ୟଅତିଥି ପଞ୍ଚାୟତିରାଜ ଏବଂ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ପ୍ରଦୀପ ଅମାତ ତାଙ୍କୁ ମାନପତ୍ର ଦେଇ ସମ୍ମାନୀତ କରିଥିଲେ। ମହାମାରୀ ସମୟରେ ଲୋକଙ୍କୁ ଉପଯୁକ୍ତ ସେବା କରିବାକୁ ନେଇ ତାଙ୍କୁ ଜିଲାର ଶ୍ରେଷ୍ଠ କର୍ମୀ ଭାବେ କରାଯାଇଥିବା ସିଡିପିଓ ପ୍ରଜ୍ଞା ବାରିକ ସୂଚନା ଦେଇଛନ୍ତି। ଏହି ପୁରସ୍କାର ତାଙ୍କୁ ଆଗକୁ ଆହୁରି ଜନହିତକର କାର୍ଯ୍ୟ କରିବାକୁ ଉତ୍ସାହିତ କରିବ ବୋଲି ମଞ୍ଜୁଲତା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।



# ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଜନଶୁଣାଣି ଶିବିର

ଜୁନାଗଡ,୧୬।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ସଭାଗୃହଠାରେ ମଙ୍ଗଳବାର ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ, ଏସ୍‌ପି ଅଭିଲାଶ ଜି ଅଧ୍ୟକ୍ଷତା କରି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଏହି ଜନଶୁଣାଣିରେ ମୋଟ ୧୬୩ଜଣ ଆବେଦନକାରୀ ନିଜର ଅଭିଯୋଗପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୧୪୮ଟି ବ୍ୟକ୍ତିଗତ ସମସ୍ୟା ଓ ୧୫ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଥିଲା। ସେହିପରି ୧୨ଟି ଅଭିଯୋଗ ସମାଧାନ ତତ୍‌କ୍ଷଣାତ କରାଯାଇଥିଲା। ଅଭିଯୋଗ ଶୁଣାଣି ଶିବିରରେ ଧର୍ମଗଡ ଉପଜିଲାପାଳ ପାୱାର ସଚିନ ପ୍ରକାଶ, ଜିଲା ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ପଟେଲ, ସିଡିଏମଓ ଡ. ରଞ୍ଜନ ମିତ୍ର, ଜୁନାଗଡ ବ୍ଲକ ଅଧ୍ୟକ୍ଷା ସବିତା ମେହେର, ଧର୍ମଗଡ ଏସ୍‌ଡିପିଓ ଧୀରଜ କୁମାର ଚୋପଦାରଙ୍କ ସମେତ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଜୁନାଗଡ ବିଡିଓ ଦୁଲାରାମ ମାରାଣ୍ଡି ଓ ତହସିଲଦାର ବେଦବ୍ୟାସ ଭୋଇ ପରିଚାଳନା କରିଥିଲେ।

# ସ୍ୱାଧୀନତା ଦିବସରେ ପ୍ରକଳ୍ପର ଶିଳାନ୍ୟାସ, ଉଦ୍‌ଘାଟନ

କଣ୍ଟାବାଞ୍ଜି, ୧୬।୮(ଡି.ଏନ.ଏ.)

କଣ୍ଟାବାଞ୍ଜି ଏନଏସିସ୍ତରୀୟ ସ୍ୱାଧୀନତା ଦିବସ ସ୍ଥାନୀୟ ରେଳବାଇ ଷ୍ଟାଡିୟମରେ ପାଳିତ ହୋଇଯାଇଛି। ଏହି ଅବସରରେ ବିଧାୟକ ସନ୍ତୋଷ ସିଂ ସାଲୁଜା ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏନଏସି ନଗରପାଳ ବରିୟାମ ସିଂ ସାଲୁଜା, ଉପାଧ୍ୟକ୍ଷା ମନୋରମା ରାଉତ ସମ୍ମାନିତ ଅତିଥି ଏବଂ ନିର୍ବାହୀ ଅଧିକାରୀ ନିରଞ୍ଜନ ଧଳ ବରେଣ୍ୟ ଅତିଥିଭାବେ ମଞ୍ଚାସୀନ ଥିଲେ। ସ୍ଥାନୀୟ ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ସତ୍ୟବ୍ରତ ମିଶ୍ର ମୁଖ୍ୟ ପରିଚାଳକ ଭାବେ ଦାୟିତ୍ୱ ତୁଲାଇଥିଲେ। ପରେ ବିଧାୟକ ସ୍ଥାନୀୟ ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ବିଧାୟକ ପାଣ୍ଠିରୁ ନିର୍ମିତ ଅତିରିକ୍ତ ଶ୍ରେଣୀ ଗୃହର ଉଦ୍‌ଘାଟନ ଏବଂ ସ୍ମାର୍ଟ ପାର୍କର ଶିଳାନ୍ୟାସ କରିଥିଲେ।

# ଅନୁପ ସିଂହ ଫୁଟ୍‌ବଲ: ଭୋଜପୁର ଚାମ୍ପିୟନ

ଖଡ଼ିଆଲ,୧୬।୮(ଡି.ଏନ.ଏ.)

ନୂଆପଡ଼ା ଜିଲା ଖଡ଼ିଆଲ ରାଜାଏଟି ଖେଳ ପଡିଆରେ ଚାଲିଥିବା ୧୩ତମ ରାଜା ଅନୁପ ସିଂହ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଭୋଜପୁର ସହ ଜୁରାବନ୍ଧ ମଧ୍ୟରେ ଅନୁଷ୍ଠିତ ଫାଇନଲ ଖେଳରେ ଭୋଜପୁର ଦଳ ୧-୦ ଗୋଲରେ ବିଜୟୀ ହୋଇ ଚାମ୍ପିୟନ ହୋଇଛି। ମୁଖ୍ୟଅତିଥି ଭାବେ ଖଡ଼ିଆଲ ନଗରପାଳ ଉଜ୍ଜ୍ୱଳ ଗୁପ୍ତା ଓ ସମ୍ମାନିତ ଅତିଥି ଭାବେ ଲୋହିତ ସିଂଦେବ, ଖଡ଼ିଆଲ ଏନ୍ଏସିର ୧୩ଟି ୱାର୍ଡ଼ କାଉନସିଲର ଉପସ୍ଥିତ ଥିଲେ। ମଞ୍ଚ ପରିଚାଳନା କରିଥିଲେ ଟୁନା ନାୟକ। ରେଫରି ଭାବେ ତାପସ ରଞ୍ଜନ ପତି, ଅମୂଲ୍ୟ ବାରିକ, ସୌରଭ ପଣ୍ଡା, ସୁଶାନ୍ତ ସ୍ୱାଇଁ ଖେଳରେ ସହଯୋଗ କରିଥିଲେ। ବିବେକ ଗୌଡ଼, ପ୍ରଭୁ ଗୌଡ଼, ଅକିମ ରାଜା, ଜିନ୍ତୁ ମହାପାତ୍ର ସହଯୋଗ କରିଥିଲେ। ଧାରାବିବରଣୀ ପ୍ରକାଶ ଚନ୍ଦ୍ର ପାତ୍ର ସମ୍ପାଦନ କରିଥିଲେ। ମ୍ୟାଚ ରାଜା ଅନୁପ ସିଂହ ଦେବଙ୍କ ନାତି ଅଙ୍କିତ ସିଂହ ଦେଓ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ବିଜେତା ଦଳକୁ ୭ ହଜାର ଓ ଟ୍ରଫି, ରନର୍ସ ଦଳ ୫ ହଜାର ଓ ଟ୍ରଫି ପ୍ରଦାନ କରିଥିଲେ।


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।

# ରାସ୍ତାରୋକୋ କଲେ ଚାଷୀ

**ପ୍ରଧାନମନ୍ତ୍ରୀ ଫସଲ ବୀମା ରାଶି ମିଳିନି**

ମୁରିବାହାଲ, ୧୬।୮( ଡି.ଏନ.ଏ.)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଅନ୍ତର୍ଗତ ୩ଟି ପଞ୍ଚାୟତର ଚାଷୀ ପ୍ରଧାନମନ୍ତ୍ରୀ ଫସଲ ବୀମା ସହାୟତା ରାଶି ପାଇବାରୁ ବଞ୍ଚିତ ରହିଛନ୍ତି। ବାରମ୍ବାର ଦାବି ସତ୍ତ୍ୱେ ସେମାନଙ୍କ ଦାବି ପ୍ରତି କର୍ଣ୍ଣପାତ କରାଯାଉନାହିଁ। ଏହାର ପ୍ରତିବାଦ କରି ମଙ୍ଗଳବାର ହଲଦୀ ସମିତି ସଭ୍ୟ ଟୁନାମଣି ମହାନନ୍ଦ ଓ କୃଷକ ନେତା ସିଦ୍ଧେଶ୍ୱର ଦାଶ, ଦୁଷ୍ମନ୍ତ ବାଗଙ୍କ ନେତୃତ୍ୱରେ ଶତାଧିକ ଚାଷୀ ହଲଦୀଠାରେ ୫୯ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ଚାଷୀମାନେ ଅଭିଯୋଗ କରିଥିଲେ ଯେ, ବ୍ଲକ ଅନ୍ତର୍ଗତ ୨୨ ପଞ୍ଚାୟତରେ ୨୦୨୧ ଖରିଫ ଋତୁର ଚାଷ ମରୁଡି ଯୋଗୁ କ୍ଷତିଗ୍ରସ୍ତ ହୋଇଥିଲା। ସେମାନେ ଫସଲ ବୀମା କରିଥିଲେ ହେଁ ହଲଦୀ, ବଙ୍କେଲ ଓ ଲେବଡ଼ା ପଞ୍ଚାୟତର ଚାଷୀ ବୀମା ସହାୟତାରୁ ବାଦ୍ ପଡିଛନ୍ତି। ଘଟଣାସ୍ଥଳକୁ ମୁରିବାହାଲ ତହସିଲଦାର ସୋନାଲି ପାତ୍ର ଆସି ଚାଷୀଙ୍କ ଆଲୋଚନା କରିଥିଲେ। ହେଲେ ଜିଲାପାଳ ନ ଆସିବା ଯାଏ ସେମାନେ ଆନ୍ଦୋଳନରୁ ହଟିବେ ନାହିଁ ବୋଲି ଅଡି ବସିଛନ୍ତି। ଦୀର୍ଘ ସମୟ ଧରି ରାସ୍ତା ଅବରୋଧ ଯୋଗୁଁ ରାସ୍ତାର ଉଭୟ ପାର୍ଶ୍ୱରେ ଶହଶହ ଗାଡି ମୋଟର ଅଟକି ରହିଛି। ସୁଶାନ୍ତ ପଧାନ, ବେଦବ୍ୟାସ ପଧାନ, କ୍ଷୀରସିନ୍ଧୁ ଭୋଇ, ହେମସାଗର ବେହେରା ପ୍ରମୁଖ ଆନ୍ଦୋଳନରେ ସାମିଲ ଥିଲେ।


ଚାଷୀମାନେ ହଲଦୀଠାରେ ରାଜପଥ ଅବରୋଧ କରିଛନ୍ତି।

**ରାମଲୀଳା ପାଇଁ କଳାକାର ବରଣ**

**ସୋହେଲା,(ଡି.ଏନ.ଏ.):** ସୋହେଲା ଦୁର୍ଗାପୂଜାରେ ରାମଲୀଳା ପାଇଁ ରାବଣ ଏବଂ ମହୀରାବଣ ଚରିତ୍ର ପାଇଁ କଳାକାର ବରଣ ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରକାଶ ଚନ୍ଦ୍ର ଦେବତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାବଣ ଭୂମିକା ପାଇଁ କଳାକାର ଜଗଦାନନ୍ଦ ମିଶ୍ର ଓ ମହୀରାବଣ ଭୂମିକା ପାଇଁ କଳାକାର ଆର୍ତ୍ତତ୍ରାଣ ମହାପାତ୍ରଙ୍କୁ ବରଣ କରାଯାଇଛି। ନିର୍ଦ୍ଦେଶକ ଅଗସ୍ତି ଭୋଇ, ଡାକ୍ତର ଶିଶିର କୁମାର ସାହୁ, ନଥୁରାମ ଅଗ୍ରୱାଲ, ମହମ୍ମଦ ରଫିକ୍, ଟଙ୍କଧର ଝାଙ୍କର, ଗୋବିନ୍ଦ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ସୁଶାନ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



## ସଂକ୍ଷେପରେ

### ନିଖୋଜ ମହିଳାଙ୍କ ମୃତଦେହ ମିଳିଲା

**ପଦ୍ମପୁର ୧୬।୮(ଡି.ଏନ.ଏ):** ବରଗଡ଼ ଜିଲା ପଦ୍ମପୁର ନିକଟସ୍ଥ ସିଂହନପୁର ଗ୍ରାମର ଜଣେ ମହିଳା ନଦୀରେ ଗାଧୋଇବା ବେଳେ ଗୋଡ ଖସିଯିବାରୁ ନିଖୋଜ ଥିବା ଜଣେ ମହିଳାଙ୍କ ମୃତଦେହକୁ ମଙ୍ଗଳବାର ଉଦ୍ଧାର କରାଯାଇଛି। ମୃତା ମହିଳା ହେଲେ ମାଧବୀଲତା ମେହେର(୪୦)। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି। ସୂଚନା ଅନୁସାରେ, ମାଧବୀଲତା କୁମୁଡିଜୋର ନଦୀକୁ ଗାଧୋଇବାକୁ ଯାଇ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରି ପାଇ ନ ଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ଖୋଜିବା ପରେ ମୃତଦେହ ମିଳିଥିଲା।

### ସ୍ୱାଧୀନତା ଦିବସରେ ବାଇକ୍ ରାଲି

**ବାଉଁଶୁଣୀ,୧୬।୮(ଡି.ଏନ.ଏ.):** ବୌଦ୍ଧ ବ୍ଲକ ବାଉଁଶୁଣୀ ବଉଦିଆପଡ଼ାରେ ଫ୍ରେଣ୍ଡସିପ ଅନଲିମିଟେଡ ଗ୍ରୁପ ତରଫରୁ ୭୬ତମ ସ୍ୱାଧିନତା ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଯୁବ ବ୍ୟବସାୟୀ ଗୁଣନିଧି ମେହେର ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗ୍ରାମର ଛୋଟ ଛୋଟ ପିଲା ସମେତ ଗ୍ରାମବାସୀ ଯୋଗ ଦେଇଥିଲେ। ପରେ ଫ୍ରେଣ୍ଡସିପ ଅନଲିମିଟେଡ ଗ୍ରୁପର ସମସ୍ତ ସଦସ୍ୟ ହାତରେ ତ୍ରିରଙ୍ଗା ଧରି ଏକ ବାଇକ୍ ରାଲି କରିଥିଲେ । ବଉଦିଆପଡ଼ା ରାମଲୀଳା ମଣ୍ଡପରୁ ବାଇକ୍ ରାଲି ବାହାରି ବାଉଁଶୁଣୀ ପଞ୍ଚାୟତର ଗଡଭିତର, ଟିକିରାପଡ଼ା, ବାଉଁଶୁଣୀ ଛକ, ଜମଘାଟି ପରିକ୍ରମା କରିଥିଲା ।

### ଡ୍ରାଇଭର ମହାସଂଘର ନୂତନ କର୍ମକର୍ତ୍ତା

**ଡୁଙ୍ଗୁରିପାଲି,୧୬।୮(ଡି.ଏନ.ଏ.):** ଓଡ଼ିଶା ଡ୍ରାଇଭର ମହାସଂଘ ଡୁଙ୍ଗୁରିପାଲି ପକ୍ଷରୁ ସ୍ୱାଧୀନତା ଦିବସରେ ତ୍ରିରଙ୍ଗା ଶୋଭାଯାତ୍ରା ବାହାରି ଥିଲା। ସଂଘର ପ୍ରକାଶ ହାତୀଙ୍କ ନେତୃତ୍ୱରେ ବାହାରିଥିଲା ରାଲିରେ ସଂଘର ସଦସ୍ୟମାନେ ଯୋଗ ଦେଇଥିଲେ। ପରେ ଆରଏମସି ପରିସରରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ପୁନିଆଁ ସ୍ୱାଇଁ, ଉପସଭାପତି ପ୍ରକାଶ କୁମାର ହାତୀ, ସମ୍ପାଦକ ଈଶର ପାତ୍ର, ସହ ସମ୍ପାଦକ ଗୌରାଙ୍ଗ ଦଣ୍ଡସେନା, କୋଷାଧକ୍ଷ ଦଳ ଯୁଆଡି, ଉପଦେଷ୍ଟାଭାବେ ଶ୍ୟାମ ପ୍ରଧାନଙ୍କୁ ଚୟନ କରାଯାଇଥିଲା। ବ୍ଲକ ଏଡମିଇନ ଭାବେ ବଳଦେବ ମାରି, ଅର୍ଜୁନ ଲୁହୁରା, ଆନନ୍ଦ ଘିବିଲା, ତ୍ରିନାଥ ତାଣ୍ଡିଙ୍କୁ ମନୋନୀତ କରାଯାଇଛି। ବୈଠକରେ ବଲାଙ୍ଗିର ଜିଲା ଡ୍ରାଇଭ ସଂଘ ସଭାପତି ଅଚ୍ୟୁତ ସେଠ ଓ ସୋନପୁର ଜିଲା ଡ୍ରାଇଭ ସଂଘ ସଭାପତି ସନ୍ତୋଷ ମହାକୁଡ ଯୋଗ ଦେଇଥିଲେ।

### ପଦ୍ମପୁରରେ ଟଙ୍କିକିଆ କ୍ଲିନିକ୍

**ପଦ୍ମପୁର,୧୬।୮(ଡି.ଏନ.ଏ.):** ବୁର୍ଲା ଭିମ୍ସାରର ସହକାରୀ ଅଧାପକ ଡା. ଶଙ୍କର ରାମଚନ୍ଦାନୀ ସୋମବାର ନିଜ ଜନ୍ମମାଟି ବରଗଡ଼ ଜିଲା ପଦ୍ମପୁର ସହରରେ ଟଙ୍କିକିଆ କ୍ଲିନିକ୍ ଖୋଲିଛନ୍ତି। ଏହାକୁ ତାଙ୍କ ମା' ଲାଜବନ୍ତୀ ରାମଚନ୍ଦାନୀ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିବସରେ ୫୬ ଜଣ ରୋଗୀ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ୧୭ ଜଣ ସୁଗାର ପରୀକ୍ଷା ସହ ମାଗଣାରେ ଔଷଧ ନେଇଥିଲେ।

### ସୈନିକ କଲ୍ୟାଣ ସଂଘର ଆଜାଦୀ କା ଅମୃତ ମହୋତ୍ସବ

**ପଦ୍ମପୁର,୧୬।୮(ଡି.ଏନ.ଏ.):** ବରଗଡ଼ ଜିଲା ପଦ୍ମପୁର ସୈନିକ କଲ୍ୟାଣ ସଂଘ ଓ ବୁଡେନର ଅଭିନନ୍ଦନ କ୍ଲବ ମିଳିତ ଆନୁକୂଲ୍ୟରେ ବୁଡେନ ଗ୍ରାମରେ ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ କରାଯାଇଥିଲା। ଗ୍ରାମବାସୀ, ଛାତ୍ରୀଛାତ୍ର, କ୍ଲବର ସଦସ୍ୟ ତ୍ରିରଙ୍ଗା ଶୋଭାଯାତ୍ରାରେ ବାହାରି ହର୍ ଘର୍ ତ୍ରିରଙ୍ଗା ପତାକା ଲଗାଇଥିଲେ। ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ ସଭାରେ ଡ. ବାଞ୍ଛାନିଧି ପଣ୍ଡା, ଥାନାଧିକାରୀ ବିପିନ ରାଓ, ବରିଷ୍ଠ ନାଗରିକ ବିପିନ ବିହାରୀ ପାଣିଗ୍ରାହୀ ଯୋଗଦାନ କରି ସଂଗ୍ରାମୀମାନଙ୍କ ବଳିଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ପୂର୍ବତନ ସୈନିକ ପଞ୍ଚାନନ ସାହୁ ସଭା ପରିଚାଳନା କରିଥିଲେ। ସଂଘ ସଭାପତି ରାହାସ ବିହାରୀ ତ୍ରିପାଠୀ, ରାମଚନ୍ଦ୍ର ତ୍ରିପାଠୀ, ଆନନ୍ଦ ସିଂ, ସୀତାନାଥ ସାହୁ, ଦେବେନ୍ଦ୍ର ଭୋଇ, ଡ. ଶ୍ରୀକାନ୍ତ ପାଣିଗ୍ରାହୀ, ମଧୁସୁଦନ ବେହେରା ପ୍ରମୁଖ ଥିଲେ।

# ଜିଲାର ବୟନକଳା, ସଂସ୍କୃତି ମହାନ

**ସୋନପୁର,୧୬।୮(ନି.ପ୍ର.)**

ସୁବର୍ଣ୍ଣପୁର ରିଜର୍ଭ ପୋଲିସ ପଡିଆଠାରେ ସୋମବାର ଜିଲାସ୍ତରୀୟ ୭୬ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥିଭାବେ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ମନ୍ତ୍ରୀ ପୂଜାରୀ ସ୍ୱାଧୀନତା ସଂଗ୍ରାମରେ ଭାଗ ନେଇଥିବା ସଂଗ୍ରାମୀ ଓ ପ୍ରଜାମଣ୍ଡଳ ଆନ୍ଦୋଳନର ବରପୁତ୍ରମାନଙ୍କ ଯୋଗଦାନର ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମନ୍ତ୍ରୀ ପୂଜାରୀ ତାଙ୍କ ବକ୍ତବ୍ୟରେ ସୁବର୍ଣ୍ଣପୁର ଜିଲାର ସମୃଦ୍ଧ ବୟନ କଳାକୁ ପ୍ରଶଂସା କରିବା ସହ ଜିଲାର ଗାରିମାମୟ ଇତିହାସ ଓ ସଂସ୍କୃତି ମହାନ ବୋଲି କହିଥିଲେ। ଏହି ଜିଲାକୁ ଶ୍ରେଷ୍ଠ ଓ ସମୃଦ୍ଧ କରିବାକୁ ଆହ୍ୱାନ ଦେଇଥିଲେ। ସରକାରଙ୍କ କରୋନା କଟକଣାରେ ପ୍ରବଳ ବର୍ଷାରେ ଆୟୋଜିତ ସମ୍ମିଳିତ ପରେଡ୍‌ରେ ଆରକ୍ଷୀ ବାହିନୀର ଗୋଟିଏ ପ୍ଲାଟୁନ୍ ଓ ପୋଲିସ ବ୍ୟାଣ୍ଡପାର୍ଟି ଅଂଶଗ୍ରହଣ କରିଥିଲେ। ଜିଲାପାଳ ଅବୋଲି ସୁନୀଲ ନରୱଣେ ଓ ଜିଲା ଆରକ୍ଷୀ ଅଧିକ୍ଷକ ଅମରେଶ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଜାତୀୟ ପତାକାକୁ ସମ୍ମାନ ପ୍ରଦର୍ଶନ କରିଥିଲେ। ପ୍ରାତଃ ସମୟରେ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ଯୋଗେ ସହରରେ ରାମଧୂନ ପରିବେଷଣ କରାଯାଇଥିଲା। ଏହି ଅବସରରେ ଅତିଥି ବୃନ୍ଦ ପ୍ୟାରେଡ୍ ପଡିଆରେ ବୃକ୍ଷ ରୋପଣ କରିଥିଲେ । ପରେ ମନ୍ତ୍ରୀ ପୂଜାରୀ ୫-ଟି ରୂପାନ୍ତରିତ ବୀରମହାରାଜପୁର ବାଳିକା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ । ଜିଲା ପ୍ରଶାସନ ପକ୍ଷରୁ ସହରରେ ଅବସ୍ଥିତ ବିଭିନ୍ନ ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତିରେ ସକାଳେ ମାଲ୍ୟାର୍ପଣ କରା ଯାଇଥିଲା। ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ଓ ସୋନପୁର ଉପଜିଲାପାଳ ଡକ୍ଟର ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର ରାମେଶ୍ୱର ନିକଟସ୍ଥ କୁଷ୍ଠ କଲୋନୀର ଅନ୍ତେବାସୀଙ୍କୁ ବସ୍ତ୍ର, ଫଳ ଓ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ଦିବସର ବିଭିନ୍ନ କାର୍ଯ୍ୟକ୍ରମରେ ଜିଲାପାଳ ନରୱଣେ, ଜିଲା ଆରକ୍ଷୀ ଅଧିକ୍ଷକ ପଣ୍ଡା, ଜିଲା ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲା ପରିଷଦ ନିହାର ରଞ୍ଜନ କହଁର, ସୁବର୍ଣ୍ଣପୁର ମ୍ୟୁନିସିପାଲିଟି ଅଧକ୍ଷା ତାମସି ତାମସ୍ମିତା ନାଏକ, ତହସିଲଦାର ନବୀନ କିଶୋର ପାଢୀ ଓ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଡିଆଇପିଆରଓ ଅଶ୍ୱିନୀ କୁମାର ଭୋଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।



ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ ପରେଡ୍‌ରେ ଅଭିବାଦନ ଗ୍ରହଣ କରୁଛନ୍ତି।

**ସୁବର୍ଣ୍ଣପୁରରେ ଜିଲାସ୍ତରୀୟ ସ୍ୱାଧୀନତା ଦିବସ**

# ସବୁଠି ଉଡ଼ିଲା ତ୍ରିରଙ୍ଗା

**ବୀରମହାରାଜପୁର,୧୬।୮(ନି.ପ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବିଜୁ ପଟ୍ଟନାୟକ ମିନିଷ୍ଟାଡିୟମରେ ଅନୁଷ୍ଠିତ ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସରେ ଉପଜିଲାପାଳ ଅଶୋକ କୁମାର ଭୋଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଉପଖଣ୍ଡସ୍ତରୀୟ ପୋଲିସ ଅଧିକାରୀ ଡୋଳାମଣି ଭୋଇ ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଉପଖଣ୍ଡର କରୋନା ଯୋଦ୍ଧାଙ୍କୁ ସମ୍ମାନୀତ କରାଯାଇଥିଲା। ସୂଚନା ଓ ଲୋକସମ୍ପର୍କ ବିଭାଗ କର୍ମଚାରୀ ପ୍ରିୟଦର୍ଶୀ ଅଶୋକ ମୋହନ ଜେନା ଓ ଖେଳ ଶିକ୍ଷକ ନରେନ୍ଦ୍ର ଚାନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ବୀରମହାରାଜପୁର ମହାବିଦ୍ୟାଳୟରେ ପରିଚାଳନା କମିଟି ସଭାପତି ସ୍ୱୟମ୍ଭୁନାଥ ଖଣ୍ଡଗିରି ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଅଧକ୍ଷ ସୁଦାମ ଚରଣ ସାହୁ ଉପସ୍ଥିତ ଥିଲେ। କ୍ରୀଡା ଶିକ୍ଷକ ନରେନ୍ଦ୍ର ଚାନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଓ କଲେଜ ଅଧକ୍ଷ କ୍ୟାପଟେନ ସୂର୍ଯ୍ୟନାରାୟଣ ପଣ୍ଡା ମିଳି ପରେଡର ଅଭିବାଦନ ଗ୍ରହଣ କରିଥିଲେ। ସୁବଳୟା ଡିଗ୍ରୀ କଲେଜରେ ଆଇନଜୀବୀ ନନ୍ଦକିଶୋର ମିଶ୍ର ମୁଖ୍ୟଅତିଥିଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଅଧକ୍ଷ ବଳଦେବ ପୂଜାହାରି ଓ ହୃଷିକେଶ ମେହେର ସମ୍ମାନୀତ ଅତିଥି ଭାବେ ଉପସ୍ଥିତ ଥିଲେ। ସେହିଭଳି ସ୍ଥାନୀୟ ବରିଷ୍ଠ ନାଗରିକ ସଂଗଠନଠାରେ ପୂର୍ବତନ ଉଚ୍ଚ ଶିକ୍ଷା ପରାମର୍ଶଦାତା ଡ.ପ୍ରଫୁଲ୍ଲ ରଥ ମୁଖ୍ୟଅତିଥିଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଉପଖଣ୍ଡ ସାମ୍ବାଦିକ ସଂଘ କାର୍ଯ୍ୟାଳୟଠାରେ ସଭାପତି ସ୍ୱୟମ୍ଭୁନାଥ ଖଣ୍ଡଗିରି ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଖଣ୍ଡହତା ରବୀନ୍ଦ୍ର ନାଥ ଜୁନିଅର କଲେଜରେ ଜିଲା ପରିଷଦ ଚନ୍ଦ୍ରକାନ୍ତି ଦନ୍ତା ମୁଖ୍ୟ ଅତିଥି, ସରପଞ୍ଚ ଜୟଶ୍ରୀ ଦେହୁରୀ ଓ କଲେଜ ଅଧକ୍ଷ ଜଗବନ୍ଧୁ ବେରିହା ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ। ଅମରପାଲି ହାଇସ୍କୁଲରେ ପ୍ରଧାନଶିକ୍ଷକ ଉମେଶ ଚନ୍ଦ୍ର ପଣ୍ଡା, ଅମରପାଲି ୟୁପି ସ୍କୁଲରେ ପ୍ରଧାନଶିକ୍ଷକ ଦୁଃଖିଶ୍ୟାମ ଭୋଇ, ଲୁତୁରପଙ୍କ ପଞ୍ଚାୟତରେ ସରପଞ୍ଚ ସୂର୍ଯ୍ୟ ନନ୍ଦ, ଜଟେସିଙ୍ଘା ପଞ୍ଚାୟତରେ ସରପଞ୍ଚ ସୁନୀତା ମହାକୁର, ମୁର୍ସୁଣ୍ଡୀ ପଞ୍ଚାୟତରେ ସରପଞ୍ଚ ମନୋଜ ସାହୁ, ବହଳପଦର ପଞ୍ଚାୟତରେ ସରପଞ୍ଚ ନିରୂପମା ସେଠୀ, ଅମରପାଲିସ୍ଥିତ କେନ୍ଦୁପତ୍ର ରେଞ୍ଜ ଅଫିସରେ ରେଞ୍ଜ ଅଫିସର ଜୟନ୍ତ ଦାଶ ଜାତୀୟ ପତାକା ଉତ୍ତୋଳନ କରିଥିଲେ।



ବୀରମହାରାଜପୁରରେ ଅତିଥି ଜାତୀୟ ପତାକା ଉତ୍ତୋଳନ କରୁଛନ୍ତି।

# ବୌଦ୍ଧରେ ୭୫ ମିଟର ତ୍ରିରଙ୍ଗା ଶୋଭାଯାତ୍ରା



ତ୍ରିରଙ୍ଗା ଶୋଭଯାତ୍ରା ସହର ପରିକ୍ରମା କରୁଛି।

**ବୌଦ୍ଧ,୧୬।୮(ସ୍ୱ.ପ୍ର.)**

ଦେଶରେ ଆଜାଦୀ କା ଅମୃତ ମହୋତ୍ସବ ପାଳନ ହେଉଥିବା ବେଳେ ସୋମବାର ସ୍ୱାଧୀନତା ଦିବସରେ ସହରରେ ୭୫ ମିଟର ଲମ୍ବର ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବୌଦ୍ଧ ତ୍ରିରଙ୍ଗା ଶୋଭଯାତ୍ରା କମିଟିପକ୍ଷରୁ ଏହି ଶୋଭଯାତ୍ରା ହୋଇଥିଲା। ଏହି ଶୋଭଯାତ୍ରା ସହରର ରଘୁନାଥ ମନ୍ଦିର ଠାରୁ ବାହାରି ମେଡିକାଲ ଛକ, ବାଘଗୁଡା ଛକ, ଗାନ୍ଧୀ ଛକ, ପୋଡାପଡା ଛକ, ଓ୍ୱାରଲେସ ଛକ ନୂଆସାହି ଛକ ଦେଇ କଚେରୀ ପଡିଆରେ ଶେଷ ହୋଇଥିଲା। ଶୋଭଯାତ୍ରା ସମୟରେ ବିଭିନ୍ନ ଛକ ଠାରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିଗୁଡିକରେ ମାଲ୍ୟାର୍ପଣ କରାଯାଇଥିଲା। ଏହି ଶୋଭାଯାତ୍ରାରେ ସହରର ବିଭିନ୍ନ ଅନୁଷ୍ଠାନ, ପୋଲିସ, ଆଇଆରବି ଯବାନ, ଛାତ୍ରୀଛାତ୍ର, ବୁଦ୍ଧିଜୀବୀ ଓ ଜନସାଧାରଣ ସାମିଲ ଥିଲେ। ଜିଲାପାଳ ସତ୍ୟରଞ୍ଜନ ସାହୁ ଯୋଗଦେଇ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଉତ୍ସାହିତ କରିଥିଲେ। ଜିଲା ପ୍ରଶାସନର ଉଚ୍ଚ ପଦସ୍ଥ ଅଧିକାରୀମାନେ ମଧ୍ୟ ସାମିଲ ଥିଲେ।

### ଜଳପ୍ରପାତରେ ଭାସିଯାଇ ଜଣେ ମୃତ

**ଅମ୍ବାଭୋନା,୧୬।୮(ଡି.ଏନ.ଏ)**

ବରଗଡ଼ ଜିଲା ଅମ୍ବାଭୋନା ଥାନା ବାରବଖରା ଜଳପ୍ରପାତରେ ସୋମବାର ଭାସିଯାଇ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଦେଓଗାଁ ନିବାସୀ ଭାଗିରଥି ପାଣ୍ଡେ। ମଙ୍ଗଳବାର ଜଳପ୍ରପାତର ତାଙ୍କ ମୃତଦେହ ଉଦ୍ଧାର ହୋଇଛି । ଏ ନେଇ ଅମ୍ବାଭୋନା ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ବରଗଡ଼ ପଠାଇଛି ।

### ବନ୍ୟା ଅଞ୍ଚଳ ବୁଲିଲେ ପ୍ରଶାସନିକ ଅଧିକାରୀ

**ଉଲୁଣ୍ଡା/ତରଭା,୧୬।୮(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକର ବନ୍ୟା ପ୍ରଭାବିତ ଗ୍ରାମକୁ ମଙ୍ଗଳବାର ପ୍ରାଶାସନିକ ଅଧିକାରୀମାନେ ବୁଲି ଦେଖିଥିଲେ। ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ନିହାର ରଞ୍ଜନ କହଁର, ଉଲୁଣ୍ଡା ବିଡିଓ ହେମସାଗର ଭୋଇ, ତହସିଲଦାର ଆନନ୍ଦ ପଣ୍ଡା, ଅତିରିକ୍ତ ତହସିଲଦାର ସୋମନାଥ ବେହେରା ପ୍ରମୁଖ ଲୋକଙ୍କୁ ଭେଟି ବନ୍ୟା ପରିସ୍ଥିତି ନେଇ ଲୋକଙ୍କୁ ସତର୍କ କରାଇଥିଲେ। ମୁଣ୍ଡଘାଟ ପଞ୍ଚାୟତର ଲଙ୍କାବାହାଲ, ମୁଣ୍ଡଘାଟ, ମହଦା, ନିମ୍ନା, ଦଶରାଜପୁର, ଏସ.ପତ୍ରାପାଲି, ଲମଡୁଲ, ବିଶିପଡାର ପଞ୍ଚାୟତର ବଢିଲା ଗ୍ରାମକୁ ଯାଇ ଅଧିକାରୀମାନେ ଲୋକଙ୍କ ଭଲମନ୍ଦ ପଚାରି ବୁଝିଥିଲେ।

# ସିଏନ୍‌ଆଇ ଚର୍ଚ୍ଚରେ ସ୍ୱାଧୀନତା ଦିବସ

**ବରଗଡ଼ ଅଫିସ୍,୧୬।୮**

ବରଗଡ଼ ଗାନ୍ଧୀ ନଗରସ୍ଥିତ ସିଏନ୍‌ଆଇ ଚର୍ଚ୍ଚରେ ସ୍ୱାଧୀନତା ଦିବସ ପାଳିତ ହୋଇଛି । ଚନ୍ଦ୍ରଶେଖର ବାଗ ମୁଖ୍ୟଅତିଥି ଭାବେ ଯୋଗଦେଇ ଏଠାରେ ପତାକା ଉତ୍ତୋଳନ କରିଥିଲେ। ଆଚାର୍ଯ୍ୟ ଅମୂଲ୍ୟ ସୁନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଚର୍ଚ୍ଚର ଶତାଧିକ ସଦସ୍ୟା, ସଦସ୍ୟ ଉପସ୍ଥିତ ଥିଲେ।



ସିଏନ୍‌ଆଇ ଚର୍ଚ୍ଚରେ ପତାକା ଉତ୍ତୋଳନ କରାଯାଉଛି।

# ବୌଦ୍ଧରେ ଜିଲାସ୍ତରୀୟ ସ୍ୱାଧୀନତା ଦିବସ

**ବୌଦ୍ଧ,୧୬।୮(ସ୍ୱ.ପ୍ର.)**

ବୌଦ୍ଧରେ ୭୬ତମ ଜିଲାସ୍ତରୀୟ ସ୍ୱାଧନତା ଦିବସ ନିରାଡମ୍ବର ଭାବେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବୌଦ୍ଧ କଚେରୀ ପଡିଆଠାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବରେ ଜିଲାପାଳ ସତ୍ୟରଞ୍ଜନ ସାହୁ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ଉଦ୍‌ବୋଧନ ଦେଇଥିଲେ। ଉତ୍ସବରେ ଅନ୍ୟତମ ଅତିଥି ଭାବେ ଜିଲା ଆରକ୍ଷୀ ଅଧୀକ୍ଷକ ପ୍ରହଲ୍ଲାଦ ସହାଇ ମିନା ଯୋଗ ଦେଇଥିଲେ। ଏହି ଅବସରରେ ଆଇଆରବି ୫ମ ବାଟାଲିୟନ, ଜିଲା ପୋଲିସ ଯବାନମାନେ ଅଂଶଗ୍ରହଣ କରି ଜାତୀୟ ପତାକାକୁ ଅଭିବାଦନ ଜଣାଇଥିଲେ। ରିଜର୍ଭ ଇନ୍ସପେକ୍ଟର ମଧୁସୂଦନ ମହାପାତ୍ର ନେତୃତ୍ୱ ନେଇଥିଲେ। ସୂଚନା ଓ ଲୋକସଂପର୍କ ଅଧିକାରୀ ରୀତାକାନ୍ତି ବଳିୟାରସିଂହଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।



ବୌଦ୍ଧ ଜିଲାପାଳ ସତ୍ୟରଞ୍ଜନ ସାହୁ ଜାତୀୟ ପତାକା ଉତ୍ତୋଳନ କରୁଛନ୍ତି।

# ବିଶ୍ୱସ୍ତରରେ ଓଡ଼ିଶା ସ୍ୱତନ୍ତ୍ର ପରିଚୟ ଆଣିଛି: ସ୍ୱାସ୍ଥ୍ୟମନ୍ତ୍ରୀ

**ବରଗଡ଼ ଅଫିସ୍,୧୬।୮**

ବରଗଡ଼ ଜର୍ଜ ହାଇସ୍କୁଲ ପ୍ରାଙ୍ଗଣରେ ଜିଲାସ୍ତରୀୟ ୭୬ତମ ସ୍ୱାଧୀନତା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ ପତାକା ଉତ୍ତୋଳନ କରି ଅଭିବାଦନ ଗ୍ରହଣ କରିଥିଲେ। ପରେଡ୍ କମାଣ୍ଡର ଚୂଡ଼ାମଣି ନାୟକଙ୍କ ନେତୃତ୍ୱରେ ପୋଲିସ ବାହିନୀ ଅଭିବାଦନ ପ୍ରଦାନ କରିଥିଲେ। ଜର୍ଜ ହାଇସ୍କୁଲ ଏବଂ ଏଇଏମ୍ ଇଂରାଜୀ ମାଧ୍ୟମ ସ୍କୁଲର ଶିକ୍ଷୟିତ୍ରୀମାନେ ଜାତୀୟ ସଙ୍ଗୀତ ଗାନ କରିଥିଲେ।

ଏହି ଅବସରରେ ମୁଖ୍ୟ ଅତିଥି ଦାସ ସ୍ୱାଧୀନତା ସଂଗ୍ରାମରେ ପ୍ରାଣବଳି ଦେଇଥିବା ଶହୀଦ ସଂଗ୍ରାମୀମାନଙ୍କ ସ୍ମୃତିଚାରଣ କରିବା ସହିତ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କରୋନା ଲଢ଼େଇରେ ବାଜି ଲଗାଇ କାର୍ଯ୍ୟ କରିଥିବା ଡାକ୍ତର, ପୋଲିସ, ସଫେଇ କର୍ମଚାରୀ, ସ୍ୱାସ୍ଥ୍ୟକର୍ମୀ ପ୍ରମୁଖଙ୍କୁ ମନ୍ତ୍ରୀ ଦାସ କୃତଜ୍ଞତା ଜଣାଇଥିଲେ। ରାଜ୍ୟରେ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା, ଶିକ୍ଷା, ସ୍ୱାସ୍ଥ୍ୟ ଆଦି କ୍ଷେତ୍ରରେ ପ୍ରଗତିର ପ୍ରଶଂସନୀୟ ପଦକ୍ଷେପ ବିଶ୍ୱସ୍ତରରେ ଓଡ଼ିଶାର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ବାନ୍ଧକଳା, କୃଷି ଏବଂ ସ୍ୱାସ୍ଥ୍ୟକ୍ଷେତ୍ରରେ ବରଗଡ଼ ଜିଲା ମଧ୍ୟ ଆଗକୁ ବଢ଼ିଛି। କ୍ୟାନ୍‌ସର ହସ୍ପିଟାଲର ଆରମ୍ଭ ହେବା ସହିତ ବିଭିନ୍ନ ବିଭାଗରେ ଡାକ୍ତର ପଦବୀ ପୂରଣ ପାଇଁ ପ୍ରୟାସ କରାଯାଉଛି ବୋଲି ମନ୍ତ୍ରୀ ତାଙ୍କ ବକ୍ତବ୍ୟରେ କହିଥିଲେ। ଏହି ଅବସରରେ ସ୍ୱାସ୍ଥ୍ୟ, ଅଗ୍ନିଶମ, ସାମାଜିକ ସୁରକ୍ଷା, ପୌର ପରିଷଦ, ପୋଲିସ ବିଭାଗର ୨୯ଜଣ କୋଭିଡ୍ ଯୋଦ୍ଧା ଏବଂ ସନ୍ଥ କବୀର ପୁରସ୍କାର ଓ ଜାତୀୟ ପୁରସ୍କାରପ୍ରାପ୍ତ ୧୯ଜଣ ବାନ୍ଧଶିଳ୍ପୀଙ୍କୁ ମୁଖ୍ୟ ଅତିଥି ମାନପତ୍ର ପ୍ରଦାନପୂର୍ବକ ସମ୍ମାନିତ କରିଥିଲେ। ଶହୀଦ ହୋଇଥିବା ୩ ଯବାନଙ୍କ ପରିବାରକୁ ଜମିପଟ୍ଟା ପ୍ରଦାନ କରାଯାଇଥିଲା।

ପରେ ମୁଖ୍ୟ ଅତିଥି ଦାସ ସ୍ଥାନୀୟ ଟାଉନ ହଲରେ ଜିଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ବିକାଶ ପାଇଁ ଆୟୋଜିତ ବିଜେତା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଉପଲକ୍ଷେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନ୍‌ଲାଇନ ପ୍ରବନ୍ଧ ଓ କୁଇଜ ପ୍ରତିଯୋଗିତା ହୋଇଥିଲା। ସମାରୋହରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ଜିଲାପାଳ ମୋନିଷା ବାନାର୍ଜୀ, ଏସ୍‌ପି ସ୍ମିତ୍ ପି. ପରମାର୍‌ଙ୍କ ସମେତ ଜିଲାସ୍ତରୀୟ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ ଏବଂ ବିଭାଗୀୟ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଉଦବୋଧନ ଦେଉଛନ୍ତି।

**ବରଗଡ଼ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ**

**ସୋହେଲା,(ଡି.ଏନ.ଏ.):** ସୋହେଲା ମିନି ଷ୍ଟାଡିୟମଠାରେ ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ସମାରୋହ ପାଳିତ ହୋଇଯାଇଛି। ବ୍ଲକ ଅଧକ୍ଷା ବବି ପଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସେହିପରି ସୋହେଲା ମୁଖ୍ୟ ଛକ ସ୍ଥିତ ସତ୍ୟାଗ୍ରହୀ ସ୍ମାରକୀ ପୀଠରେ ଭଟଲି ବିଧାୟକ ସୁଶାନ୍ତ ସିଂ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତା, ପୂର୍ବତନ ବିଧାୟକ ମହମ୍ମଦ ରଫିକ, ବିଡ଼ିଓ ବିଶ୍ୱରଞ୍ଜନ କର, ଅତିରିକ୍ତ ତହସିଲଦାର ଅଂଶୁମାନ ଷଡ଼ଙ୍ଗୀ, ଥାନାଧିକାରୀ ହାଡ଼ିବନ୍ଧୁ ଗଡ଼ତିଆ, ଏନ୍‌ସିସି ଅଫିସର ଆଦିତ୍ୟ ମାଝୀ, ସୁଶାନ୍ତ ମିଶ୍ର, ଡାକ୍ତର ଶିଶିର କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ।

**ଶହୀଦଙ୍କ ସ୍ମୃତିରେ ଏକ ସାମ ଦେଶ କେ ନାମ କାର୍ଯ୍ୟକ୍ରମ**

ଟିଟିଲାଗଡ,(ଡିଏନଏ.): ଟିଟିଲାଗଡ ଜେସିଆଇ କ୍ଲବ ପକ୍ଷରୁ ଗୋବିନ୍ଦ ବାଟିକା ପରିସରରେ ସହିଦଙ୍କ ସ୍ମୃତିରେ ଏକ ସାମ ଦେଶ କେ ନାମ ଦେଶଭକ୍ତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସହରର ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରି ଦେଶଭକ୍ତି ନୃତ୍ୟ ପରିବେଷଣ କରିଥିଲେ। ସଂଗଠନ ସଭାପତି ଅମନ ଗୋୟଲ, ସମ୍ପାଦକ ଶୈଳେଶ ଗୋୟଲ, ପ୍ରକଳ୍ପ ନିର୍ଦ୍ଦେଶକ ମନିଶ ଗୁପ୍ତା, ଗୋପାଲ ଜୈନ, କୋଷାଧ୍ୟକ୍ଷ ଗୌତମ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।



## ସଂକ୍ଷେପରେ

### ଦେଶାତ୍ମବୋଧକ କବିତା ପାଠ

ଟିଟିଲାଗଡ,୧୬।୮(ଡି.ଏନ.ଏ.): ସାହିତ୍ୟ ଏକାଡେମୀ ଓଡ଼ିଆ ଭାଷା ସଂସ୍କୃତି ବିଭାଗ ପକ୍ଷରୁ କବିତା ପାଠ ପ୍ରଭାବତୀ ପବ୍ଲିକ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ଆୟୋଜକ ଚନ୍ଦ୍ରଶେଖର ବେହେରା ଓ ସଂଯୋଜକ ଭିକାରୀ ଚରଣ ମିଶ୍ରଙ୍କ ସହ ବରିଷ୍ଠ କବି ସଞ୍ଜୟ ଅଗସ୍ତି, ଜ୍ୟୋତି ପ୍ରକାଶ ଗଡ଼ତ୍ୟା, ଟିକେଲାଲ ବେହେରା ଓ ଦିଲ୍ଲୀପ କୁମାର ପଶାୟତ ମଞ୍ଚାସୀନ ଥିଲେ। କବି ଗଜାନନ ମିଶ୍ର, ସେବକ ଚରଣ ଦାସ, ମଧୁସୂଦନ ମହାନନ୍ଦ, ଯୁଗଳ କିଶୋର ଷଡ଼ଙ୍ଗୀ, ବୃନ୍ଦାବନ କୁମ୍ଭାର, ସୁନୀଲ ଅଗସ୍ତି, ନୀଳମଣି ସାହୁ, ଯଶୋବନ୍ତ ସାହୁ, ଚିତ୍ତ ରଞ୍ଜନ ଚାନ୍ଦ, କ୍ଷୀରସିନ୍ଧୁ ବିଶି, ପଞ୍ଚାନନ ତାଣ୍ଡି, ନରସିଂହ ସାହୁ, ଆଦିମୂଳ ଶତପଥୀ,ଲିଲୁ ମୋହନ ପ୍ରଧାନ ପ୍ରମୁଖ କବି ଦେଶାତ୍ମବୋଧକ କବିତା ପାଠ କରିଥିଲେ। କବି ନୀଳମଣି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ୩୩ କୋଭିଡ୍ ଯୋଦ୍ଧାଙ୍କୁ ପ୍ରଶଂସାପତ୍ର ପ୍ରଦାନ

ଟିଟିଲାଗଡ,୧୬।୮(ଡି.ଏନ.ଏ.): ଟିଟିଲାଗଡ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ କ୍ରୀଡା ପ୍ରାଙ୍ଗଣରେ ଅନୁଷ୍ଠିତ ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ଉତ୍ସବରେ ମୁଖ୍ୟ ଅତିଥିଭାବେ ଉପଜିଲାପାଳ ମନୋଜ ସତ୍ୟବାନ ମହାଜନ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ପୌର ପରିଷଦର ୧୦ଜଣ, ସ୍ୱାସ୍ଥ୍ୟ ବିଭାଗର ୧୩ ଏବଂ ପୋଲିସ ବିଭାଗର ୧୦ କୋଭିଡ଼ ଯୋଦ୍ଧାଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ଟିଟିଲାଗଡ଼ ବ୍ଲକ ଖୋଲାନ ପଞ୍ଚାୟତରେ ସରପଞ୍ଚ ନରେଶ ଅଗ୍ରୱାଲଙ୍କ ନେତୃତ୍ୱରେ ୫ଶହ ଫୁଟର ତ୍ରିରଙ୍ଗା ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ।

### ବ୍ଲକର ବିଭିନ୍ନ ସ୍ଥାନରେ ସ୍ୱାଧୀନତା ଦିବସ ପାଳିତ

କୋକସରା,୧୬।୮(ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରାସ୍ଥିତ ଗୁଡ଼ହାଣ୍ଡି ମଞ୍ଚରେ ବ୍ଲକ ଅଧକ୍ଷା ରିତା ଅଗ୍ରୱାଲ ପତକା ଉତ୍ତୋଳନ କରିଥିବା ବେଳେ ବିଡିଓ ମନୀଷା ଦାସ ଉପସ୍ଥିତ ରହିଥିଲେ। ସେହିପରି ବ୍ଲକର ବଙ୍ଗୋମୁଣ୍ଡା ଆଦର୍ଶ ବିଦ୍ୟାଳୟରେ ଅଧକ୍ଷ ଦାୟିତ୍ୱରେ ଥିବା ଦୀନ କର ପତାକା ଉତ୍ତୋଳନ କରିଥିବଲେ। ଏହି ପରିପ୍ରେକ୍ଷୀରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସେହିପରି ଲଡୁଗାଁ ବସଷ୍ଟାଣ୍ଡଠାରେ ଓଡିଶା ଡ୍ରାଇଭର ମହାସଂଘ ସଭାପତି ଭଗବାନ ପଟ୍ଟନାୟକଙ୍କ ସଭାପତିତ୍ୱରେ ବ୍ଲକ ଉପାଧକ୍ଷ ରାଜୀବ ଅଗ୍ରୱାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ପୂର୍ବତନ ସରପଞ୍ଚ କହ୍ନେଇ ଚରଣ ଦାସ, ଅବସରପ୍ରାପ୍ତ ଶିକ୍ଷକ ମୁକ୍ତେଶର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଲଡୁଗାଁ ସମବାୟ ସମିତିଠାରେ ସମବାୟ ସମିତି ସଭାପତି ଅମର ଅଗ୍ରୱାଲ ପତାକା ଉତ୍ତୋଳନ କରିଥିବା ବେଳେ ପାକ୍ସ ସମ୍ପାଦକ ପଦ୍ମନ ବାଗ, ଅବସରପ୍ରାପ୍ତ ଶିକ୍ଷକ କିଶୋର ଦାସ, କିଶୋର ମହାନନ୍ଦ, ପ୍ରଶାନ୍ତ ଦାସ, ଭଗବାନ ନାଗ ଉପସ୍ଥିତ ଥିଲେ। ଲଡୁଗାଁ ପଞ୍ଚାୟତରେ ସରପଞ୍ଚ ନକୁଳ ନାଏକ ପତାକା ଉତ୍ତୋଳନ କରିଥିବା ବେଳେ ନାଏବ ସରପଞ୍ଚ ସୋଭାଗିନି ଚଣ୍ଡି, ଆରଆଇ ମମତା ସାଏଙ୍କ ସହ ସମସ୍ତ ୱାର୍ଡ ସଭ୍ୟ ସଭ୍ୟା, ଅଙ୍ଗନୱାଡି କର୍ମୀ, ଆଶାକର୍ମୀଙ୍କ ସହ ଗ୍ରାମର ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତି ଥିଲେ।

# ଜିଲାର ସର୍ବାଙ୍ଗୀନ ବିକାଶକୁ ପ୍ରାଥମିକତା ଦିଆଯାଉଛି

**ବଲାଙ୍ଗୀର ଅଫିସ, ୧୬।୮**

ବଲାଙ୍ଗୀର ଜିଲା ସଦର ମହକୁମାଠାରେ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ମନୋହରପୁର ରିଜର୍ଭ ପୋଲିସ ପଡିଆରେ ଅନୁଷ୍ଠିତ ସମାରୋହରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ ଓ ପାନୀୟ ଜଳ ଏବଂ ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜାତୀୟ ପତାକ ଉତ୍ତୋଳନ କରିଥିଲେ। ଦେଶର ସ୍ୱାଧୀନତା ସଂଗ୍ରାମରେ ବଲାଙ୍ଗୀରର ସଂଗ୍ରାମୀମାନଙ୍କ ଅବଦାନକୁ ସ୍ମରଣ କରି ସେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପର୍ଯ୍ୟଟନ, ଲୋକ ସଂସ୍କୃତି, ଲୋକକଳା, ଲୋକନୃତ୍ୟ, କୁଟୀର ଶିଳ୍ପର ପ୍ରଚାର ପ୍ରସାର ଦିଗରେ ଜିଲାବାସୀଙ୍କ ପ୍ରଚେଷ୍ଟା ସ୍ୱାଗତଯୋଗ୍ୟ ବୋଲି ମନ୍ତ୍ରୀ ଅମାତ୍ କହିଥିଲେ। ଏଥିସହିତ ଜିଲାର ସର୍ବାଙ୍ଗୀନ ବିକାଶ ନିମନ୍ତେ ରାଜ୍ୟ ସରକାରଙ୍କ ତରଫରୁ କାର୍ଯ୍ୟକାରୀ ହେଉଥିବା ବହୁବିଧ ବିକାଶମୂଳକ ପ୍ରକଳ୍ପର କାର୍ଯ୍ୟକାରିତା ସମ୍ପର୍କରେ ସେ ସୂଚନା ଦେଇଥିଲେ।

ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଆଶା, ଅଙ୍ଗନବାଡି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱଚ୍ଛ କର୍ମୀଙ୍କୁ ମନ୍ତ୍ରୀ ଅମାତ୍ ଟ୍ରଫି ଓ ମାନପତ୍ର ପ୍ରଦାନ କରିଥିଲେ। ଉତ୍ତମ ଆଶା କର୍ମୀଭାବେ ଚନ୍ଦ୍ରକାନ୍ତି ବାଗ, ମୋହିନୀ ଭୋଇ, କାନନବାଳା ଦତ୍ତ, ଅଙ୍ଗନୱାଡି କର୍ମୀ ଭାବେ ମଞ୍ଜୁଲତା ନାୟକ, କୌଶଲ୍ୟା ନାଗ, ନିରିମା ସେନାପତି, ଶ୍ରେଷ୍ଠ ଏସ୍ଏଚ୍‌ଜି ଭାବେ ସତୀଘାଟର ଅନ୍ନପୂର୍ଣ୍ଣା ଏସ୍ଏଚ୍‌ଜି, ଡେଣ୍ଟାପଦରର ସମଲେଇଶ୍ୱରୀ ଏସ୍ଏଚଜି, ଡୁଙ୍ଗ୍ରାପାଲିର ମଙ୍ଗଳା ଏସ୍ଏଚଜି, ସ୍ୱଚ୍ଛ କର୍ମୀଭାବେ ବଲାଙ୍ଗୀରର ସ୍ୱର୍ଗତ ଚୈତନ୍ୟ ଭରାସାଗର, ଡୁଙ୍ଗୁରାର ସଞ୍ଜୟ କୁମ୍ଭାର, ପାଟଣାଗଡର କୁଶ କୁମ୍ଭାର, ଟିଟିଲାଗଡର ରୂପେଶ ଡୁଙ୍ଗୁରୀ ଓ କଣ୍ଟାବାଞ୍ଜିର ଉପେନ୍ଦ୍ର ଭରାସାଗର ଏବଂ ଗୁଡ ସମାରିଟାନ ଭାବେ କଣ୍ଟାବାଞ୍ଜିର ଶାନ୍ତନୁ ବିଭାର ମୁଖ୍ୟ ଅତିଥିଙ୍କ ଠାରୁ ଟ୍ରଫି ଓ ମାନପତ୍ର ଗ୍ରହଣ କରିଥିଲେ। ଅଭିବାଦନ ମଞ୍ଚରେ ଜିଲା ପରିଷଦ ଅଧକ୍ଷା ଦେବକୀ ସାହୁ, ଜିଲାପାଳ ଚଞ୍ଚଳ ରାଣା, ଆରକ୍ଷୀ ଅଧିକ୍ଷକ ନୀତିନ କୁଶଲକର ଉପସ୍ଥିତ ଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିପୂର୍ବରୁ ସକାଳେ ସକାଳେ ଗାନ୍ଧୀନଗରପଡାସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି, କଚେରୀଛକ ସ୍ଥିତ ଡ. ବିଆର ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି, ଗାନ୍ଧୀ ଭବନ ସମ୍ମୁଖ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଓ ଶିଶୁ ଉଦ୍ୟାନ ନିକଟସ୍ଥ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ଜିଲାପାଳ ରାଣା, ପୌରାଧକ୍ଷା ଲିକା ସାହୁ, ଅତିରିକ୍ତ ଜିଲାପାଳ ଲମ୍ବୋଦର ଧରୁଆ, ଅତିରିକ୍ତ ଜିଲାପାଳ ରାଜସ୍ୱ ମହେନ୍ଦ୍ର କୁମାର ମହାପାତ୍ରଙ୍କ ସମେତ ମାନ୍ୟଗଣ୍ୟ ବ୍ୟକ୍ତି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।



ପତାକା ଉତ୍ତୋଳନ ଅବସରରେ ମନ୍ତ୍ରୀ ପ୍ରଦୀପ ଅମାତ୍।

# ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳିତ




ମନ୍ତ୍ରୀ ରୀତା ସାହୁ ଉଦ୍‌ବୋଧନ ଦେଉଛନ୍ତି।

**ନୂଆପଡ଼ା ଅଫିସ,୧୬।୮**

ନୂଆପଡା ଜିଲାର ପୁରପଲ୍ଲିରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ପ୍ରତ୍ୟେକ ଘରେ, ଦୋକାନ, ବାଜାର, ସରକାରୀ, ବେସରକାରୀ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନରେ ତ୍ରିରଙ୍ଗା ପତକା ଲାଗିଥିଲା। ନୂଆପଡା ମିନି ଷ୍ଟାଡିୟମଠାରେ ଅନୁଷ୍ଠିତ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ଅବସରରେ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ରୀତା ସାହୁ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଆଜାଦୀ କା ଅମୃତ ମହୋତ୍ସବ ଉପରେ ନୂଆପଡା ବାସୀଙ୍କୁ ମନ୍ତ୍ରୀ ସାହୁ ବର୍ତ୍ତା ଦେଇଥିଲେ। ନୂଆପଡା ପୋଲିସ ପକ୍ଷରୁ ଅଭିବାଦନ ଗ୍ରହଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ନୂଆପଡା ଜିଲାପାଳ ହେମାକାନ୍ତ ସାଏ, ଜିଲା ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିବାକରଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ, ଜନ ପ୍ରତିନିଧି, ଯୁବ ଅନୁଷ୍ଠାନ, ସ୍ୱୟଂ ସହାୟକ ଗୋଷ୍ଠୀ ମହଳା, ଆଶାକର୍ମୀ, ଅଙ୍ଗନୱାଡି କର୍ମୀମାନେ ଯୋଗଦେଇଥିଲେ।

# ଅମୃତ ସରୋବର ପ୍ରକଳ୍ପ ଉଦ୍‌ଘାଟିତ

**ଦେଓଗାଁ,୧୬।୮(ଡି.ଏନ.ଏ)**

ଦେଓଗାଁ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ବିଡିଓ ରାମଦତ୍ତ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଅତିଥିଭାବେ ଅଧକ୍ଷ ଦୟାନିଧି ଖମାରି ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ତହସିଲ କାର୍ଯ୍ୟାଳୟରେ ତହସିଲଦାର ଯୁଗଳ କିଶୋର ବିଶ୍ୱାଳ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଧିକାରୀ ଡ. ଚିତ୍ତରଞ୍ଜନ ମିଶ୍ର, ଦେଓଗାଁ ଥାନାରେ ଥାନାଧିକାରୀ ତାରାବାତି ପ୍ରଧାନ, ଜଙ୍ଗଲ ବିଭାଗ ରେଞ୍ଜ କାର୍ଯ୍ୟାଳୟରେ ରେଞ୍ଜର ଅଲୋକ କୁମାର ମାଝି ଜାତୀୟ ପତାକା ଉତ୍ତୋଳନ କରିଥିଲେ। କୁଡୁର୍ଲା ପଞ୍ଚାୟତରେ ସରପଞ୍ଚ ତେଜ ହରପାଲ, କୃଷି ସେବା ସମବାୟ ସମିତିରେ ନିଳାମ୍ବର ପାଣିଗ୍ରାହୀ, କରୁଆଁଝର ପୂର୍ଣ୍ଣଚନ୍ଦ୍ର ହାଇସ୍କୁଲରେ ଅନ୍ତର୍ଯ୍ୟାମୀ ଭୋଇ, ଲଣ୍ଡାପଥର ପଞ୍ଚାୟତରେ ଦେବନ୍ତୀ କ୍ଷେତି, ବଡବନ୍ଧରେ ଜଗବନ୍ଧୁ ମେହେର, ସିକୁଆଁ ସମବାୟ ସମିତିରେ ଶୁଶିଲ କୁମାର ଚାନ୍ଦ, ସିଙ୍ଗାମୁଣ୍ଡା ପଞ୍ଚାୟତରେ ସରପଞ୍ଚ ଜାହ୍ନବୀ ମାହାଣା, ଧଣ୍ଡାମାଲ ପଞ୍ଚାୟତରେ ସଞ୍ଜୁ ଶିକା, ସାରସମାଲରେ ସରପଞ୍ଚ ଗୋପାଳ ବାଗ, ବନ୍ଧପଡାରେ ଗୋପାଳ ଚନ୍ଦ୍ର ମିଶ୍ର, ବ୍ରାହ୍ମଣିଯୋରରେ ମହେନ୍ଦ୍ର ମଲ୍ଲିକ, ଜରାସିଂହାରେ କୁଶ ମେହେର, ସାଲେପାଲିରେ ବଲ୍ଲଭୀ ସାହୁ, ମହଲେଇରେ ଚିତ୍ତ ରଞ୍ଜନ ସାହୁ, ଦେଓଗାଁ ପଞ୍ଚାୟତରେ ନୀନା ଛତ୍ରିଆ, କୃଷି ସମବାୟ ସମିତିରେ ସଭାପତି ଶୈଳେନ୍ଦ୍ର କୁମାର ସାହୁ, ଉପରଝରର ସେବା ସମବାୟ ସମିତିରେ କପିଳେଶ୍ୱର ନାଏକ, ମୁକୁନ୍ଦପୁର ପଞ୍ଚାୟତରେ ଜାନକି ସାହୁ, ହାତୀସରା ପଞ୍ଚାୟତରେ କେଲୋ ଡାଙ୍ଗ ବନ୍ଧପଡା ଫାଣ୍ଡିରେ ଫାଣ୍ଡି ଅଧିକାରୀ ସରୋଜ କୁମାର ରଥ, ପ୍ରମୁଖ ଯୋଗଦେଇ ପତକା ଉତ୍ତୋଳନ କରିଥିଲେ।

ଏହିଦିନ ଦେଓଗାଁ ବ୍ଲକ ଗୁଡଖାପଲା ଅନ୍ତର୍ଗତ ଖଗସିକନାଠାରେ ନିର୍ମିତ ଜିଲାର ପ୍ରଥମ ଅମୃତ ସରୋବରକୁ ମୁଖ୍ୟଅତିଥିଭାବେ ଯୋଗଦେଇ ବ୍ଲକ ଅଧକ୍ଷ ଦୟାନିଧି ଖମାରୀ ଉଦ୍‌ଘାଟନ କରିଥିଲେ। ବିଡିଓ ରାମଦତ୍ତ ଭୋଇଙ୍କ ଅଧକ୍ଷତାରେ ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ସମ୍ମାନୀତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଜୀବନି ଦାସ ଯୋଗ ଦେଇଥିଲେ।



ଜିଲାର ପ୍ରଥମ ଅମୃତ ସରୋବର ପ୍ରକଳ୍ପକୁ ଅତିଥି ବୃନ୍ଦ ଉଦ୍‌ଘାଟନ କରୁଛନ୍ତି।

**ଦେଓଗାଁ ବ୍ଲକର ବିଭିନ୍ନ ସ୍ଥାନରେ ଉଡ଼ିଲା ତ୍ରିରଙ୍ଗା**

### ଗାଁ ପରିକ୍ରମା କଲେ ଛାତ୍ରୀଛାତ୍ର

**ମୁରିବାହାଲ,୧୬।୮(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ମୁରିବାହାଲ ସରସ୍ୱତୀ ଶିଶୁ ମନ୍ଦିର ଛାତ୍ରୀଛାତ୍ର ତଥିରଙ୍ଗ ପତାକା ଧରି ବିଭିନ୍ନ ଦେଶାତ୍ମବୋଧକ ସ୍ଲୋଗାନମାନ ଦେଇ ଏକ ଶୋଭାଯାତ୍ରାରେ ଗାଁ ପରିକ୍ରମା କରିଥିଲେ। ପ୍ରଧାନଗୁରୁଜୀ ସୁମାନନ୍ଦ ଖମାରଙ୍କ ନେତୃତ୍ୱରେ ମନ୍ଦାକିନୀ ଅଗସ୍ତି, ସୋନିଆ ଭୋଇ, ଯମୁନା ମହାନନ୍ଦ, ଜରିତା ନାଏକ, ସଂଯୁକ୍ତା ମହାକୁର, ଗୋବିନ୍ଦ ଦାଶ, ଜ୍ୟୋର୍ତିମୟୀ ଛନ୍ଦ, ଭଗବାନ ପଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ସ୍ୱାଧୀନତା ଦିବସ ଉପଲକ୍ଷେ କୋଭିଡ୍ ଟିକାକରଣ

**ପଲମ,୧୬।୮(ଡି.ଏନ.ଏ.)**

କଳାହାଣ୍ଡି ଜିଲା ନର୍ଲା ବ୍ଲକ୍ ଅଧୀନ ସରିଆଁ ଗ୍ରାମରେ ଭବାନୀ ଶଙ୍କର ସାଂସ୍କୃତିକ ଅନୁଷ୍ଠାନ ଆନୁକୂଲ୍ୟ ଓ ନେହରୁ ଯୁବକେନ୍ଦ୍ର କଳାହାଣ୍ଡି ସହଯୋଗରେ ପ୍ରଥମେ ଅନୁଷ୍ଠାନ ସଭାପତି ଦୁର୍ବାଦଳ ଭୋଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସ୍ୱାଧୀନତା ଦିବସ ଅବସରରେ ଅନୁଷ୍ଠାନ ପକ୍ଷରୁ ଗ୍ରାମ ତଥା ଆଖପାଖ ଅଞ୍ଚଳର ୪୧୩ଜଣଙ୍କୁ କୋଭିଡ୍ ଟିକା ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ନର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ବିଇଓ ପଦାର ପାତ୍ର, ଡିଇଓ ସୁକାନ୍ତ ରଣା, ରୁପ୍ରାରୋଡ ଡିଇଓ ଅଜିତ ଭୋଇ, ଭେକ୍ସିନେଟର ମୁଲତା ରଣା ଓ ମୋହନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନ ସମ୍ପାଦକ ମିଳନ କୁମାର ଭୋଇ, ଉପସଭାପତି ଶୁକଦେବ ସାହୁ, କୋଷାଧକ୍ଷ ସୋମ୍ୟରନ ସା, ପୂର୍ବତନ ସଭାପତି ସ୍ୱାଧୀନ କୁମାର ଭୋଇ, ଅନୁଷ୍ଠାନ ସଦସ୍ୟ ପ୍ରତ୍ୟୁଷ କୁମାର ଭୋଇ, ଅସିମ ଭୋଇ, ସୌରଭ ଭୋଇ, ସୁନନ୍ଦ ଭୋଇ ଏବଂ ଆଶୁତୋଷ ଭୋଇ ତଥା ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ୨ ଶହ ମିଟର ତ୍ରିରଙ୍ଗା ଧରି ସହର ପରିକ୍ରମା

**ବଲାଙ୍ଗୀର ଅଫିସ,୧୬।୮**

ବଲାଙ୍ଗୀର ସହରର ବିଭିନ୍ନ ସ୍ଥାନରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ୭୬ତମ ସ୍ୱାଧୀନତା ଦିବସକୁ ମହାସମାରୋହରେ ପାଳନ କରାଯାଇଛି। ମାହେଶ୍ୱରୀ ସଙ୍ଗଠନ ନେତୃତ୍ୱରେ ସହରର କୋଶଳ କଳାମଣ୍ଡଳ ପଡିଆରୁ ୨୦୦ମିଟର ଲମ୍ବ ଜାତୀୟ ପତାକା ଧରି ଶତାଧିକ ଜନସାଧାରଣ, ବିଭିନ୍ନ ସଙ୍ଗଠନ ପ୍ରତିନିଧି ସହର ପରିକ୍ରମା କରିଥିଲେ। ମାହେଶ୍ୱରୀ ସଙ୍ଗଠନର ଅଙ୍କୁଶ ପାଣ୍ଡିଆ, ଦିନେଶ ଶର୍ମା, ପୂର୍ବତନ ସୈନିକ ସଂଘ ସମ୍ପାଦକ ପ୍ରତାପ ଚନ୍ଦ୍ର ରଥ, ସିଆରପିଏଫ୍ ଯବାନ, ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ସଦସ୍ଯ ଯୋଗଦାନ କରିଥିଲେ।

**ସାଇଟ୍ ଅନୁଷ୍ଠାନ:** ବଲାଙ୍ଗୀର ନିକଟସ୍ଥ ସାଇଟ କଲେଜ ସଦାଇପାଲି ପକ୍ଷରୁ ପଲ୍ଲିଶ୍ରୀ ଷ୍ଟାଡିୟମଠାରେ ଅନୁଷ୍ଠିତ ଉତ୍ସବରେ ସାଇଟ ପ୍ରତିଷ୍ଠାତା ଡ. ଶ୍ରୀକର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ସାଇଟ ଡିପ୍ଲୋମା ଅଧ୍ୟକ୍ଷା ଇଂ.ନମିତା ପଟେଲ, ସୁଶ୍ରୀ ଆଇଟିଆଇ ଅଧକ୍ଷ ଇଂ. ସନ୍ତୋଷ କୁମାର ବ୍ରହ୍ମା, ସାଇଟ ନର୍ସିଂ ଅଧକ୍ଷା ସ୍ନିଗଧା ମିନତି ଦାନୀ, ସାଇଟ ନର୍ସିଂ ପ୍ରଶାସନିକ ଅଧିକାରୀ ଡ. ସିଦ୍ଧେଶ୍ୱର ମିଶ୍ର, ସୁଲୋଚନା ଦେବୀ ଶିଶୁ ମନ୍ଦିର ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ମିଶ୍ର, ପଲ୍ଲିଶ୍ରୀ ଉଚ୍ଚ ବିଦ୍ୟଳୟ ପ୍ରଧାନ ଶିକ୍ଷକ ବୃନ୍ଦାବନ ମହାକୁର ଓ ଶିଶୁମନ୍ଦିର ନିର୍ଦ୍ଦେଶକ ଗରୁଡଧ୍ୱଜ ସାଏ ଉପସ୍ଥିତ ଥିଲେ। ବୃନ୍ଦାବନ ମହାକୁର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସାଇଟ ଡିପ୍ଲୋମା ଅଧକ୍ଷା ଇଂ.ନମିତା ପଟେଲ ଧନ୍ୟବାଦ ଦେଇଥିଲେ।

**ଜିଲା ସାମ୍ବାଦିକ ସଂଘ:** ଜିଲା ସାମ୍ବାଦିକ ସଂଘ ପକ୍ଷରୁ ଉପସଭାପତି ଆନନ୍ଦ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ସଭାପତି ଗୋପବନ୍ଧୁ ଶତପଥୀ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏଥିରେ ସାଧାରଣ ସମ୍ପାଦକ ବଳରାମ ମିଶ୍ର, ସାଂଗଠାନିକ ସମ୍ପାଦକ ଶରତ ଚନ୍ଦ୍ର ମିଶ୍ର, ସମ୍ପାଦକ ରଞ୍ଜିତ ବେହେରା, ବରିଷ୍ଠ ସଦସ୍ୟ ନବୀନ ପଶାୟତ, ଶରତ ମହାକୁର, ଦୀପକ ପୁରୋହିତ, ବୀରେନ୍ଦ୍ର ଝାଙ୍କରଙ୍କ ସମେତ ଗୁପ୍ତେଶ୍ୱର ପୃଷ୍ଟି ଓ ବୀରେନ୍ଦ୍ର ନାଗ ଉପସ୍ଥିତ ଥିଲେ।

**ଗାନ୍ଧୀ ପାଠାଗାର:** ବଲାଙ୍ଗୀର ସହର ଟିକ୍ରାପଡା ଗାନ୍ଧୀ ପାଠାଗାରରେ ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ ହୋଇଥିଲା। ମହାତ୍ମା ଗାନ୍ଧୀଙ୍କ ଉତ୍ସର୍ଗୀକୃତ ଅବଦାନ ବିଷୟରେ ବକ୍ତୃତା ଆୟୋଜନ କରିବା ସହ ସୁଭାଷ ବୋଷ, ପଣ୍ଡିତ ଜବାହାଲାଲ ନେହେରୁ ତଥା ସର୍ଦ୍ଦାର ପଟେଲଙ୍କ ଅତୁଳନୀୟ ଅବଦାନ ବିଷୟରେ ବକ୍ତାମାନେ ଆଲୋକପାତ କରିଥିଲେ। ଗାନ୍ଧୀ ପାଠାଗାରର ସଭାପତି ପ୍ରକାଶ ନେପାକ, ପାଠାଗାରର ସମସ୍ତ ସଭ୍ଯ ତଥା ସମ୍ପାଦକ ପ୍ରଦିପ ସାହୁ ଏବଂ ସ୍କୁଲ ଛାତ୍ର ଛାତ୍ରୀଙ୍କ ଗହଣରେ ପତାକା ଉତ୍ତୋଳନ କରିଥିଲେ। ବିଡିଜିଏ ସମ୍ପାଦକ ସଂଗ୍ରାମ ବହିଦାର ଏହି ଉତ୍ସବରେ ଯୋଗଦାନ କରି ସମସ୍ତ ଛାତ୍ର ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ।



ମାହେଶ୍ୱରୀ ସଙ୍ଗଠନ ପକ୍ଷରୁ ୨ ଶହ ମିଟର ଲମ୍ବ ତ୍ରିରଙ୍ଗା ସହ ସହର ପରିକ୍ରମା କରାଯାଉଛି।

# ମାଓବାଦୀ ପ୍ରବଣ ଅଞ୍ଚଳରେ ସ୍ୱାଧୀନତା ଦିବସ

**ଲାଞ୍ଜିଗଡ,୧୬।୮(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ନିୟମଗିରି ପାଦ ଦେଶରେ ଥିବା ମାଓବାଦୀ ପ୍ରବଣ ଫୁଲଡୁମେର ଗାଁରେ ସ୍ୱାଧୀନତା ଦିବସ ପାଳିତ ହୋଇଛି। ୭୫ ବର୍ଷ ପରେ ଏଠାରେ ସ୍ୱାଧୀନତା ଦିବସ ପାଳିତ ହୋଇଥିବାରୁ ନିୟମଗିରି ଅଞ୍ଚଳ ଉତ୍ସବ ମୁଖର ହୋଇଥିଲା । ଲାଞ୍ଜିଗଡ ବିଡ଼ିଓ ଜିତେନ୍ଦ୍ର କୁମାର ମିଶ୍ରଙ୍କ ନେତୃତ୍ୱରେ ଏକ ଟିମ ମାଓବାଦୀପ୍ରବଣ ଗାଁ ଫୁଲଡୁମେରକୁ ଆସି ଗାଁ ଲୋକଙ୍କ ସହ ସ୍ୱାଧୀନତା ଦିବଦ ପାଳନ କରିଥିଲେ । ଗାଁର ସମସ୍ତ ଯୁବକଯୁବତୀ ପାରମ୍ପରିକ ବେଶଭୁଷା ସଜ୍ଜିତ ହୋଇ ବ୍ଲକ ପ୍ରଶାସନକୁ ସ୍ୱାଗତ କରିଥିଲେ। ବିଡିଓ ଜିତେନ୍ଦ୍ର କୁମାର ମିଶ୍ର ପତାକା ଉତ୍ତୋଳନ କରିଥିବା ବେଳେ ଲାଞ୍ଜିଗଡ ପ୍ରେସ କ୍ଲବ ସଭାପତି କୈଳାସ ସାହୁ, ତ୍ରିଲୋଚନପୁର ପଞ୍ଚାୟତ ସରପଞ୍ଚ ଲକ୍ଷ୍ମୀ ମାଝି, ପଞ୍ଚାୟତ ନିର୍ବାହୀ ଅଧିକାରୀ ତାପସ ସାହୁ, ଗ୍ରାମ ରୋଜଗାର ସେବକ ଅରବିନ୍ଦ ମହାନ୍ତି, ପୂର୍ବତନ ସରପଞ୍ଚ ଚନ୍ଦ୍ର ମାଝି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ।

# ପ୍ରଗତି ଶିକ୍ଷାନୁଷ୍ଠାନରେ ତ୍ରିରଙ୍ଗା ଶୋଭାଯାତ୍ରା



ତ୍ରିରଙ୍ଗା ଶୋଭାଯାତ୍ରାରେ ଛାତ୍ରୀଛାତ୍ରଙ୍କ ସହ ପ୍ରଗତି ଶିକ୍ଷାନୁଷ୍ଠାନର ମୁଖ୍ୟ ଅଜୟ ପଣ୍ଡା।

**ଭବାନୀପାଟଣା,୧୬।୮(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଭବାନୀପାଟଣା ସହର ନିକଟ ପ୍ରଗତି ଶିକ୍ଷାନୁଷ୍ଠାନରେ ୭୫ତମ ସ୍ୱାଧୀନତା ଦିବସର ଅମୃତ ମହୋତ୍ସବକୁ ସଫଳ ରୂପାୟନ କରିବା ଉପଲକ୍ଷେ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଶୋଭାଯାତ୍ରାଟ ନିକଟସ୍ଥ ରାଇସିଙ୍ଗପୁର, ଗୁଡିଆଳିପଦର ପର୍ଯ୍ୟନ୍ତ ହୋଇଥିଲା। ଏହି ସମୟରେ ଛାତ୍ରୀଛାତ୍ର ହର୍‌ଘର୍ ତ୍ରିରଙ୍ଗା, ଘର୍‌ଘର୍ ତ୍ରିରଙ୍ଗା ନାରା ଦେଇଥିଲେ। ସେହିପରି ସ୍ଥାନୀୟ ଲୋକଙ୍କୁ ଜାତୀୟ ପତାକା ବଣ୍ଟନ କରାଯାଇଥିଲା। ଏହି ଅବସରରେ ଶିକ୍ଷାନୁଷ୍ଠାନ ମୁଖ୍ୟ ଅଜୟ କୁମାର ପଣ୍ଡାଙ୍କ ନେତୃତ୍ୱରେ ଶୋଭାଯାତ୍ରାରେ ଶିକ୍ଷାନୁଷ୍ଠାନ ପ୍ରଶାସନିକ ଅଧିକାରୀ ପ୍ରଣବ କୁମାର ପଣ୍ଡା, ଶାରୀରିକ ଶିକ୍ଷକ ଶଶୀଭୂଷଣ ଦାସ, ତାପସ ପରମାନିକ, ସନ୍ତୋଷ ପଟ୍ଟନାୟକ, ରିତାରାଣୀ ସାମଲ, ପ୍ରିୟରଞ୍ଜନ ଦାଶ, ଲକ୍ଷ୍ମୀକାନ୍ତ ବେହେରା, ଗୁଣ ସାଗର ସାହୁ, ନବୀନ ଆଚାର୍ଯ୍ୟଙ୍କ ସମେତ ମହାବିଦ୍ୟାଳୟ ଅଧାପିକା/ଅଧାପକ ସମେତ ଛାତ୍ରୀଛାତ୍ର ସାମିଲ ହୋଇଥିଲେ।

# ଜିଲାସ୍ତରୀୟ ସ୍ୱାଧୀନତା ଦିବସ

**ଭବାନୀପାଟଣା,୧୬।୮(ସ୍ୱ.ପ୍ର.)**

ଭବାନୀପାଟଣାସ୍ଥିତ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମଠାରେ ସୋମବାର ଜିଲାସ୍ତରୀୟ ୭୬ତମ ସ୍ୱାଧୀନତା ଦିବସ କୋଭିଡ୍ କଟକଣା ମଧ୍ୟରେ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଯାଜନା ଓ ସଂଯୋଜନ ବିଭାଗ ମନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ଢୋଲକିଆ ଯୋଗଦେଇ ପତାକା ଉତ୍ତୋଳନ କରିବା ସହ ଅଭିଭାଷଣ ପ୍ରଦାନ କରିଥିଲେ। ଜାତୀୟ ପତାକା ଉତ୍ତୋଳନ ପରେ ମୁଖ୍ୟଅତିଥି ଚଳିତବର୍ଷର ଦଶମ ଓ ଯୁକ୍ତ ୨ ପରୀକ୍ଷାରେ ଜିଲାରେ ସର୍ବୋଚ୍ଚ ମାର୍କ ରଖିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସେହିପରି ଗୃହରକ୍ଷୀ ନୃପରାଜ ପ୍ରଧାନୀ ଜିଲାରୁ ମନୋନୀତ ହୋଇ ଡିଜି ଡିସ୍କ ମେଡାଲ ଓ ପ୍ରଶଂସାପତ୍ର ମୁଖ୍ୟଅତିଥିଙ୍କଠାରୁ ଗ୍ରହଣ କରିଥିଲେ। ପୂର୍ବରୁ ଅନଲାଇନରେ ହାଇସ୍କୁଲ ଓ କଲେଜ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ ବକ୍ତୃତା ଓ କୁଇଜ୍ ପ୍ରତିଯୋଗୀତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିବା ପାଇଁ ଉକ୍ତ ଶିକ୍ଷା ଅନୁଷ୍ଠାନକୁ ସାର୍ଟିଫିକେଟ ଓ ପୁରସ୍କାର ପ୍ରେରଣ କରାଯାଇଥିଲା। ପରେ ମୁଖ୍ୟଅତିଥି କଳାହାଣ୍ଡି ବିଶ୍ୱବିଦ୍ୟାଳୟରେ ପ୍ରଶାସନ ଓ ସଂସ୍କୃତି ବିଭାଗ ଦ୍ୱାରା ଆୟୋଜିତ ଏକ ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟନ କରିଥିଲେ। ପରେଡ ପଡିଆରେ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ, ଏସ୍‌ପି ଅଭିଳାଷ ଜି, ଅତିରିକ୍ତ ଜିଲାପାଳ ସୁଶାନ୍ତ ପଟେଲ, ବହୁ ବିଭାଗୀୟ ଅଧିକାରୀ, ପୋଲିସ ବିଭାଗ ଉଚ୍ଚଅଧିକାରୀ, ସ୍ୱାସ୍ଥ୍ୟ, ପୌର ଓ ପୋଲିସ ବିଭାଗର ଆମନ୍ତ୍ରିତ କୋଭିଡ୍ ଯୋଦ୍ଧା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ ଶୁଭେନ୍ଦୁ ଶେଖର ବେହେରା, ରବି କାନୁନଗୋ, ଶ୍ରୀସତ୍ୟ ସାଇ ବିଦ୍ୟା ମନ୍ଦିରର ଅଧକ୍ଷ ଉମେଶ ଚନ୍ଦ୍ର ଶତପଥୀ ଓ ସତ୍ୟ ନାରାୟଣ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ ବେହେରାଙ୍କ ପ୍ରତ୍ୟକ୍ଷ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା।



ଜିଲାସ୍ତରୀୟ ସ୍ୱାଧୀନତା ଦିବସରେ ମନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ଢୋଲକିଆ ଅଭିବାଦନ ଜଣାଉଛନ୍ତି।

## ଦୁର୍ଘଟଣାରେ କାର୍ ଚାଳକ ମୃତ

ବରଗଡ଼ ଅଫିସ୍: ବରଗଡ଼ ସହର ଉପକଣ୍ଠ ୬ନମ୍ବର ଜାତୀୟ ରାଜପଥ ଜିରା ପୋଲ ନିକଟରେ ସୋମବାର ରାତ୍ରିରେ ଏକ କାର୍ (ନଂ.ଓଡ଼ି୧୭ୟୁ/୯୭୪୨) ଏବଂ ଅନ୍ୟ ଏକ ଟ୍ରେଲର (ନଂ.ଏମଏଚ୍ ୪୩ବିଜି /୮୨୫୬) ମୁହାଁମୁହିଁ ଧକ୍କା ହେବାରୁ କାର୍ ଚାଳକଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ବରଗଡ଼ର ବିନୀତ ମିଶ୍ର(୩୨)। ବରଗଡ଼ ଟାଉନ ଥାନା ପୋଲିସ ଏକ ମାମଲା ରୁଜୁ କରି ଦୁର୍ଘଟଣାଗ୍ରସ୍ତ କାର୍, ଟ୍ରେଲରକୁ ଜବତ କରିଛି। ମୃତଦେହକୁ ବରଗଡ଼ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଯାଇଛି।

## ସଂକ୍ଷେପରେ

### ବିନିକା ସ୍ୱାସ୍ଥ୍ୟକେନ୍ଦ୍ର କୋଠା ଉଦ୍‌ଘାଟିତ



ସୋନପୁର, ୧୬।୮(ନି.ପ୍ର.): ୭୬ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ କୋଠା ଓ ମହାନଦୀ ବ୍ରିଜର ଆଲୋକିକରଣ ସୋମବାର ଉଦ୍‌ଘାଟିତ ହୋଇଛି। ଅଞ୍ଚଳବାସୀଙ୍କ ସ୍ୱାସ୍ଥ୍ୟର ଉନ୍ନତି ଆଣିବା ନେଇ ଜାତୀୟ ସ୍ୱାସ୍ଥ୍ୟ ମିଶନ ଯୋଜନାର ଅନୁଦାନ ୩କୋଟି ୨୯ଲକ୍ଷ ୧୦ହଜାର ଟଙ୍କାରେ ନିର୍ମିତ ସ୍ୱାସ୍ଥ୍ୟକେନ୍ଦ୍ରର କୋଠା ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ଓ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପାଳ ଅବୋଲି ସୁନୀଲ ନରୱଣେ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିଶ୍ୱରଞ୍ଜନ ପତି, ଏନଏସି ଅଧକ୍ଷ ସୁବାସ ଚନ୍ଦ୍ର ଭୋଇ ଓ ବିନିକା ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଅଂଶୁମାଲିନି ପଣ୍ଡାଙ୍କ ସମେତ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଓ ଜନସାଧାରଣ ଉପସ୍ଥିତ ଥିଲେ। ସେହିପରି ୨୧ଲକ୍ଷ ଟଙ୍କା ବ୍ୟୟରେ ବିନିକା ମହାନଦୀ ସେତୁ ରାସ୍ତାର ଆଲୋକୀକରଣ ବ୍ୟବସ୍ଥାକୁ ବିଧାୟକ ବେହେରା ଉଦ୍‌ଘାଟନ କରିଥିଲେ। ଏନଏସି ଉପାଧକ୍ଷା ତପସ୍ୱିନୀ ମେହେର, କାଉନସିଲ ବିଜୟ ବରାଇ, ପ୍ରଦୀପ ବାଘ, ଜିତୁ ମଲ୍ଲିକ, ବିଜେଡିର ସୋମନାଥ ମିଶ୍ର, ସଂଗଠକ ରଞ୍ଜନ ମିଶ୍ର, ଦିନ ମେହେର ଓ ସନ୍ତୋଷ ସାହୁଙ୍କ ସମେତ ସମସ୍ତ କାଉନସିଲ, ଭାଜପାର ବରିଷ୍ଠ ନେତା ପ୍ରଶାନ୍ତ କୁମାର ଦଣ୍ଡସନା, ବଳରାମ ସୁନା, ବିଜୟ ମହାକୁଡ଼ ବିଶ୍ୱମ୍ଭର ମିଶ୍ର, ଉସତ କର, ବାବୁଲୁ ବିଶି, ଜିଲା ପରିଷଦ ସଦସ୍ୟା ପ୍ରମିଳା କଲତା, ଭୁବନେଶ୍ୱର ପାତ୍ର, କୃଷ୍ଣଚନ୍ଦ୍ର କୁମ୍ଭାର ପ୍ରମୁଖ ଉପସ୍ଥିତ ଥିଲେ ।

### ବାନ୍ଧଶିଳ୍ପୀ ବୁଣିଲେ ଦାଣ୍ଡିଯାତ୍ରାର ୱାଲ୍ ହ୍ୟାଙ୍ଗିଙ୍ଗ



ଶାନ୍ତିଲତା ମେହେର ଜିଲାପାଳଙ୍କୁ ୱାଲ ହ୍ୟାଙ୍ଗିଙ୍ଗ୍ ପ୍ରଦାନ କରୁଛନ୍ତି।

ସୋନପୁର, ୧୬।୮(ନି.ପ୍ର.): ସ୍ୱାଧୀନତାର ଅମୃତ ମହୋତ୍ସବ ଅବସରରେ ସୁବର୍ଣ୍ଣପୁର ଜିଲାର ବିଶିଷ୍ଟ ମହିଳା ବାନ୍ଧଶିଳ୍ପୀ ଶାନ୍ତିଲତା ମେହେର ବୁଣିଛନ୍ତି ଦାଣ୍ଡି ଯାତ୍ରାର ୱାଲ ହ୍ୟାଙ୍ଗିଙ୍ଗ୍(କାନ୍ଥ ଝୁଲା)। ଏଥିରେ ସମ୍ବଲପୁରୀ ବାନ୍ଧରେ ସ୍ୱାଧୀନତାର ଅମୃତ ମହୋତ୍ସବ, ୭୫ତମ ସ୍ୱାଧୀନତା ଦିବସ ଓ ମହାତ୍ମା ଗାନ୍ଧିଜୀଙ୍କ ଦାଣ୍ଡି ଯାତ୍ରା ସମୟର ଦୃଶ୍ୟ ରହିଛି। ଶାନ୍ତିଲତା ନିଜେ ଗ୍ରାଫିକ୍ସ ଡିଜାଇନିଂ କରିବା ସହ ନିଜର ସୂକ୍ଷ୍ମ ବାନ୍ଧ କାରିଗରୀ କଳା ଦ୍ୱାରା ଏହି ସୁନ୍ଦର କାନ୍ଥ ଝୁଲା ବୁଣିଛନ୍ତି। ଏଥିପାଇଁ ତାଙ୍କୁ ଅଢେଇ ମାସ ସମୟ ଲାଗିଥିଲା। ତାଙ୍କ ଘର ବିନିକା ସହରର ସିଦ୍ଧି ବିନାୟକ ନଗରରେ। ମଙ୍ଗଳବାର ଶାନ୍ତିଲତା, ସ୍ୱାମୀ ଅକ୍ଷୟଙ୍କ ସହିତ ସୁବର୍ଣ୍ଣପୁର ଜିଲାପାଳ ଅବୋଲି ସୁନିଲ ନରୱ୍ରଣେଙ୍କୁ ଭେଟି ଏହି ୱାଲ୍ ହେଙ୍ଗିଙ୍ଗ୍ ପ୍ରଦାନ କରିଛନ୍ତି। ଜିଲାପାଳ ମହିଳା ବାନ୍ଧ ଶିଳ୍ପୀଙ୍କ କଳା କାରିଗରୀ ତଥା ସୂକ୍ଷ୍ମ କାରୁକାର୍ଯ୍ୟକୁ ପ୍ରଶଂସା କରିବା ସହ ୱାଲ ହେଙ୍ଗିଙ୍ଗ୍‌କୁ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଲଗାଇବା ପାଇଁ ନିଜର କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଓରମାସ ସହାୟତାରେ ସୁବର୍ଣ୍ଣାଶ୍ରୀ ପାଇଁ ଏଭଳି ୱାଲ୍ ହ୍ୟାଙ୍ଗିଙ୍ଗ ବୁଣିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ଶାନ୍ତିଲତା ବାନ୍ଧକଳାରେ ନିପୁଣା। ସେ ପୂର୍ବରୁ ଯୋଗ ଦିବସ ଉପଲକ୍ଷେ ସୂର୍ଯ୍ୟ ନମସ୍କାର ଶାଢୀ ବୁଣି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଆଗାମୀ ଦିନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ନେଇ ଓ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀକୁ ନେଇ ଦୁଇଟି ପୃଥକ ୱାଲ ହ୍ୟାଙ୍ଗିଙ୍ଗ ପ୍ରସ୍ତୁତ କରିବେ ବୋଲି କହିଛନ୍ତି।

# ବନ୍ୟା ଘେରରେ ଅନେକ ଗାଁ

ବୌଦ୍ଧ,୧୬।୮(ସ୍ୱ.ପ୍ର.)



ମହାନଦୀର ନୂଆସାହି ଠାରେ ମହାନଦୀର ପାଣି ।

ଚଳିତବର୍ଷ ବୌଦ୍ଧ ଜିଲା ଦେଇ ପ୍ରବାହିତ ମହାନଦୀରେ ବନ୍ୟାଜଳ ଆସିବାରୁ ଜିଲାର ହରଭଙ୍ଗା ବ୍ଲକରେ ବ୍ୟାପକ କ୍ଷୟକ୍ଷତି ଘଟାଇଛ। ହଜାର ହଜାର ଏକର ଚାଷ ଜମିରେ ପାଣି ମାଡି ଯାଇଛି। ବ୍ଲକର ଅନେକ ଗ୍ରାମ ଏବେ ବି ପାଣି ଘେରରେ ରହିଛି। ପ୍ରଶାସନ ପକ୍ଷରୁ ନଦୀକୂଳିଆ ଲୋକଙ୍କୁ ବନ୍ୟା ଆଶ୍ରୟସ୍ଥଳୀ ଓ ସ୍କୁଲଗୁଡିକରେ ରଖାଯାଇଛି। ଜିଲାରେ ମହାନଦୀ ଗତ ସୋମବାର ଦିନ ବିପଦସଙ୍କେତ ଉପରେ ରହିଥିବା ବେଳେ ମଙ୍ଗଳବାର ରିପୋର୍ଟ ଲେଖା ହେବା ବେଳକୁ ବନ୍ୟା ଜଳ କମିବାରେ ଲାଗିଛି। ହରଭଙ୍ଗା ବ୍ଲକର ୭ଟି ଆଶ୍ରୟସ୍ଥଳରେ ୧୫୫୭ ଜଣ ବନ୍ୟା ବିପନ୍ନଙ୍କୁ ଆଶ୍ରୟ ଦିଆଯାଇଛି। ମାରଡା, କରଡି, ଭେଜିଗୋରା, ସୁରଣ୍ଡି, ହରଭଙ୍ଗା, ଧଳପୁର, ଖଣ୍ଡିଧଳପୁର, ଉଆଁଳ, ଝରାସାହି, କୁଡାସିଙ୍ଗା, ସଦଳଗୁଣ୍ଡା, ତେନ୍ତୁଳିପଦର, ସାକୁସିଙ୍ଗା, ତୀରଡ, କରଡି, ରାମଗଡ, ପାଣିଘୋରା, ଅତଳସରା, କୁଡାସାହି, ଡିଆଁଘାଟ, ମଲିକପଡା, ବୁଲୁରା, ରାଉତପଡା, କୁମାରୀ, ପୋଇଦାଭୁଇଁ, ମହୁଲଦର ହାଟଗାଁ, କୃଷ୍ଣମୋହନପୁର, ମଙ୍ଗଳପୁର, ସାମ୍ପୋଚ, ଘୋରଡା, କାଲେଶ୍ୱର ଆଦି ଅନେକ ଗ୍ରାମ ପାଣିଘେରରେ ରହିଥିବା ବେଳେ ବହୁ ଗ୍ରାମକୁ ବନ୍ୟା ପାଣି ପ୍ରବେଶ କରିଛି। ବ୍ୟାପକ ଚାଷ ଜମିରେ ବାଲିଚର ହୋଇପଡିଛି । ସେହିପରି ବୌଦ୍ଧ ସହରରେ କେନ୍ଦ୍ରୀୟ ବିଦ୍ୟାଳୟ, ଗାଇଗୋଠପଡିଆ, ରାଜସ୍ୱ ବିଭାଗର କଲୋନୀ ଆଦି କୁ ବନ୍ୟା ପାଣି ପ୍ରବେଶ କରିଛି। ବନ୍ୟା ବିପନ୍ନଙ୍କୁ ଏନଏସି ପକ୍ଷରୁ ନିଆଯାଇ ମାଳିସାହି, ବନ୍ୟା ଆଶ୍ରୟସ୍ଥଳ ଓ କମ୍ୟୁନିଟି ସେଣ୍ଟରଗୁଡିକରେ ରଖାଯାଇଛି। ୨୦୦ଜଣଙ୍କୁ ଆଶ୍ରୟସ୍ଥଳ ଗୁଡିକରେ ରଖାଯାଇ ଖାଦ୍ୟ ଦିଆଯାଇଥିବା ଜଣାପଡିଛି। ଅନେକ ସ୍ଥାନରେ ରାସ୍ତା ଉପରେ ବନ୍ୟା ପାଣି ପ୍ରବାହିତ ହେବା ଯୋଗୁ ଯୋଗାଯୋଗ ବିଛିନ୍ନ ହୋଇ ପଡିଛି। ବନ୍ୟା ବିପନ୍ନଙ୍କୁ ଥଇଥାନ ପାଇଁ ପ୍ରଶାସନ ପକ୍ଷରୁ ଉଦ୍ୟମ ଚାଲିଥିବା ବେଳେ ରିଲିଫ ସାମଗ୍ରୀ ଯୋଗାଇ ଦେବାର ବ୍ୟବସ୍ଥା ଜାରି ରହିଛି। ବନ୍ୟା ପାଣି ଆସ୍ତେ ଆସ୍ତେ ଖସୁଥିବା ବେଳେ କେତେକ ଆଶ୍ରୟସ୍ଥଳରୁ ଲୋକମାନେ ନିଜ ଘରକୁ ଯିବାକୁ ଆରମ୍ଭ କରି ଦେଇଛନ୍ତି। ସେହିପରି କନ୍ଧମାଳ ବ୍ଲକରେ ମଧ୍ୟ ତେଲନଦୀ ବନ୍ୟା ପାଣି ପଶିବା ଫଳରେ ରେଙ୍ଗାଲି ପଞ୍ଚାୟତର କମଘାଟ ସମେତ ଆଉ କେତେକ ଗ୍ରାମ ପ୍ରଭାବିତ ହୋଇଛି। ବିପନ୍ନମାନଙ୍କୁ ଚାରବାଟି ସ୍କୁଲରେ ଆଶ୍ରୟ ଦିଆଯାଇଛି। ବନ୍ୟାରେ କେତେ ପରିମାଣର କ୍ଷୟକ୍ଷତି ହୋଇଛି ତାହା ବର୍ତ୍ତମାନ ସୁଦ୍ଧା ସଠିକ ଭାବରେ ଜଣାପଡିନାହିଁ।

# ତରିଆପଡ଼ା, ଟିକିରିପଡ଼ାରେ ପଶିଲା ବନ୍ୟାଜଳ

ସୋନପୁର,୧୬।୮(ନି.ପ୍ର.)

ସୁବର୍ଣ୍ଣପୁର ଜିଲାର ମହାନଦୀ କୂଳିଆ ଅଞ୍ଚଳରେ ମଧ୍ୟମ ଧରଣର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଲଘୁଚାପ ଜନିତ ଲଗାଣ ବର୍ଷା ଓ ହୀରାକୁଦ ଜଳଭଣ୍ଡାରର ୩୪ଗୋଟି ଗେଟ୍ ଖୋଲାଯିବା ଫଳରେ ମହାନଦୀ ଫୁଲିଥିଲା। ଚାଷ ଜମି ଓ ତଳିଆ ଅଞ୍ଚଳରେ ବନ୍ୟା ଜଳ ପ୍ରବେଶ କରିଥିଲା। ତେଲନଦୀ ଓ ଅନ୍ୟ ଛୋଟ ବଡ ନଦୀ, ନାଳର ଜଳସ୍ତର ବୃଦ୍ଧି ପାଇଥିଲା। ତେବେ ମଙ୍ଗଳବାର ମହାନଦୀ ଓ ତେଲନଦୀର ଜଳସ୍ତର ସାମାନ୍ୟ ହ୍ରାସ ପାଇଛି। ନଦୀକୂଳିଆ ଲୋକ ଆଶ୍ୱସ୍ତ ହୋଇଥିଲେ। ମାତ୍ର ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ହୀରାକୁଦ ଜଳଭଣ୍ଡାରର ୪୦ ଗେଟ୍ ଖୋଲିବ। ମଙ୍ଗଳବାର ସନ୍ଧ୍ୟାରେ ସରକାରୀ ନିର୍ଦ୍ଦେଶ ଜିଲା ପ୍ରଶାସନ ନିକଟରେ ପହଞ୍ଚିଛି । ରାତିରେ ବନ୍ୟା ଜଳ ସୋନପୁର ଛୁଇଁବ। ତେଣୁ ଜିଲା ପ୍ରଶାସନ ପୁଣି ଚଳଚଞ୍ଚଳ ହୋଇଉଠିଛି। ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ଜିଲାପାଳ ସୁନିଲ ଅବୋଲି ନରୱ୍ରଣେଙ୍କ ନିର୍ଦ୍ଦେଶ କ୍ରମେ ଜିଲାର ସମସ୍ତ ବ୍ଲକରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଓ, ତହସିଲଦାର, ମ୍ୟୁନିସିପାଲଇଟି ଇଓ, ଏନଏସି ଇଓ ଓ ଆରଆଇଙ୍କୁ ୨୪ ଘଣ୍ଟିଆ ନଜର ରଖିବା ପାଇଁ କୁହାଯାଇଛି। ତଳିଆ ଅଞ୍ଚଳର ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳରେ ରହିବା ପାଇଁ ପରାମର୍ଶ ଦିଆଯାଇଛି। ମହାନଦୀ ଉଛୁଳିବା ଯୋଗୁଁ ସୋନପୁର ସହରର ତରିଆପଡା ଓ ଟିକିରିପଡାରେ ବନ୍ୟାଜଳ ପ୍ରବେଶ କରିଛି। ଟିକିରିପଡାରେ ବନ୍ୟା ଜଳ ହ୍ରାସ ପାଇଥିବା ବେଳେ ତରିଆପଡାର ୩୦ ପରିବାର ଏବେ ବି ପାଣି ଘେରରେ ଅଛନ୍ତି। ତରିଆପଡାର ପ୍ରାୟ ୧୫୦ଲୋକଙ୍କୁ ମ୍ୟୁନିସିପାଲିଟି ପକ୍ଷରୁ ଦୁଇ ଓଳି ରନ୍ଧା ଖାଦ୍ୟ, ଶୁଖିଲା ଚୂଡା, ଗୁଡ ଓ ବିସ୍କୁଟ ଯୋଗାଇ ଦିଆଯାଉଛି। ମହାନଦୀ ଗର୍ଭରେ ଥିବା ଲଙ୍କେଶ୍ୱରୀ ପୀଠ ସାମାନ୍ୟ ଦୃଷ୍ଟି ଗୋଚର ହେଉଛି। ମତ୍ସ୍ୟଜୀବୀ ମାନେ ଡଙ୍ଗା ଗୁଡିକୁ ଗଛରେ ଦଉଡି ଦ୍ୱାରା ବାନ୍ଧିକି ରଖିଛନ୍ତି। ତେବେ ସମ୍ଭାବ୍ୟ ବନ୍ୟା ସ୍ଥିତିର ମୁକାବିଲା ପାଇଁ ଜିଲା ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇ ରହିଥିବା ଜିଲାପାଳ ନରୱ୍ରଣେ କହିଛନ୍ତି।



ସୋନପୁର ସହର ତରିଆପଡା ଜଳାର୍ଣ୍ଣବ ହୋଇଛି।

# ୫ଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ



ବୀରମହାରାଜପୁର ବ୍ଲକ ସଭାଗୃହରେ ଜରୁରୀ ବୈଠକ ଚାଲିଛି।

ଅମରପାଲି,୧୬।୮(ଡି.ଏନ.ଏ)

ମହାନଦୀରେ ଆସିଥିବା ବନ୍ୟା ପରିସ୍ଥିତି ଯୋଗୁଁ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅଞ୍ଚଳ ପ୍ରଭାବିତ ହୋଇଛି। ବୀରମହାରାଜପୁର ବ୍ଲକର ୧୪ ଗାଁ ପ୍ରଭାବିତ ହୋଇଛି। ୫ଟି ଗାଁ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ସେଥିରୁ ୪ଟି ଗାଁ ଲୋକଙ୍କୁ ସ୍ଥାନାନ୍ତରିତ କରାଯାଇ ଆଶ୍ରୟସ୍ଥଳରେ ରଖାଯାଇଛି। ଏବେ ମଧ୍ୟ ଖମ୍ଭେଶ୍ୱରୀପାଲି ଗାଁ ଲୋକେ ଜଳବନ୍ଦୀ ଜୀବନ କାଟୁଛନ୍ତି। ଏପରି ସ୍ଥିତିରେ ମଙ୍ଗଳବାର ରାତି ସୁଦ୍ଧା ୪୦ଗେଟ ଦେଇ ହୀରାକୁଦ ଡ୍ୟାମରୁ ପାଣି ନିଷ୍କାସନ ହେଲେ ପରିସ୍ଥିତି ଭୟଙ୍କର ହେବ ବୋଲି ଆଶଙ୍କା କରାଯାଉଛି। ବ୍ଲକର ନଦୀଖଣ୍ଡିଆ ଗ୍ରାମ ଗୁଡିକ ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି।

ବୀରମହାରାଜପୁର ବ୍ଲକର କେଲଗାଁ, ନୂଆଁପଡା, ଗୋବିନ୍ଦପୁର, ସୁବଳୟା, ଦେଉଳି,କୁମୁରସିଙ୍ଗା, ନୂଆଁଗଡ, ଫୁଲଚରା, ବୁରଘାଟ, ଖମ୍ଭେଶ୍ୱରୀପାଲି, କେଉଟିପାଲି,ଗୋଧନେଶର,ଦୁରଦୁରା ଓ କୁଞ୍ଜାମହୁଲ ଗ୍ରାମ ବନ୍ୟା ରେ ପ୍ରବାବିତ ହୋଇଛନ୍ତି।ଉକ୍ତ ଗ୍ରାମର ଚାଷଜମୀ ବନ୍ୟା ପାଣି ଭିତରେ ରହିଛି।ଏହା ସହିତ କେଲଗାଁ, ଖମ୍ଭେଶ୍ୱରୀପାଲି, ଦୁରଦୁରା, କୁଞ୍ଜାମହୁଲ, ନୂଆଁପଡାକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ତନ୍ମଧ୍ୟରୁ ନୂଆଁପଡା, କୁଞ୍ଜାମହୁଲ, ଦୁରଦୁରା ଓ କେଉଟିପାଲି ଗ୍ରାମର କେତେକ ପରିବାରକୁ ବନ୍ୟା ଆଶ୍ରୟସ୍ଥଳୀରେ ରଖାଯାଇ ପ୍ରଶାସନ ତରଫରୁ ରନ୍ଧାଖାଦ୍ୟ ଦିଆଯାଉଛି। ଗତ ଦୁଇଦିନ ଧରି କେତେକ ଅଞ୍ଚଳର ରାସ୍ତା ଉପରେ ବନ୍ୟା ପାଣି ପ୍ରବାହିତ ହେଉଥିଲେ ମଧ୍ୟ ମଙ୍ଗଳବାର ଦିନବେଳେ ବନ୍ୟାପାଣି କମିବାର ଦେଖିବାକୁ ମିଳିଥିଲା। ମାତ୍ର ପୁନର୍ବାର ହୀରାକୁଦରୁ ଅଧିକ ଗେଟ ଖୋଲିବା ଫଳରେ ବନ୍ୟାପାଣି ବଢିବାରେ ଲାଗିଛି। ବନ୍ୟା ପରିସ୍ଥିତିକୁ ମକାବିଲା କରିବାକୁ ପ୍ରଶାସନ ପ୍ରସ୍ତୁତ ଥିବା ବିଡିଓ ମୋତିଲାଲ ସୁଲିଆ ପ୍ରକାଶ କରିଛନ୍ତି। ଏହାର ମୁକାବିଲା ପାଇଁ ମଙ୍ଗଳବାର ବ୍ଲକ ସଭାଗୃହରେ ଏକ ଜରୁରିକାଳୀନ ବୈଠକ ଅନୁଷ୍ଠିତ ହୋଇଛି। ଉପଜିଲାପାଳ ଅଶୋକ କୁମାର ଭୋଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବ୍ଲକ ଅଧକ୍ଷା ଶାନ୍ତି ଲୁହା, ଉପାଧକ୍ଷ ନାରାୟଣ ଲୁହା, ବିଡିଓ ମୋତିଲାଲ ସୁଲିଆ, ତହସିଲଦାର ବିବୁଧ ଗଡନାୟକ, ସମସ୍ତ ନିର୍ବାହୀ ଅଧିକାରୀ, ସରପଞ୍ଚ ଉପସ୍ଥିତ ଥିଲେ।

### ବନ୍ୟା ମୁକାବିଲା ପାଇଁ ଜରୁରୀ ବୈଠକ

# ସମ୍ଭାବ୍ୟ ବନ୍ୟା ମୁକାବିଲା ନେଇ ବୈଠକ

ସୋନପୁର,୧୬।୮(ନି.ପ୍ର)

ହୀରାକୁଦ ଜଳଭଣ୍ଡାରରୁ ଅଧିକ ଗେଟ ଖୋଲାଯିବା ପରେ ମହାନଦୀ ଫୁଲିଛି । ବିନିକାର ନଦୀ କୁଳିଆ ଗ୍ରାମମାନଙ୍କରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ତେଣୁ ବିନିକା ଏନଏସି ଓ ବ୍ଲକ ଅଞ୍ଚଳର ନଦୀକୂଳିଆ ଗ୍ରାମବାସୀଙ୍କୁ ପ୍ରଶାସନ ପକ୍ଷରୁ ସତର୍କ ସୂଚନା ଦିଆଯାଇଛି । ରବିବାର ୩୪ଟି ଗେଟ ଯୋଗେ ପାଣି ଆସିବା ପରେ ବିନିକା ସହର ୨ ଓ ୩ନଂ ୱାର୍ଡର କିଛି ଅଂଶକୁ ପାଣି ମାଡ଼ି ଯାଇଥିଲା। ଫଳରେ କେତେକ ପରିବାରକୁ ଏନଏସି ପ୍ରଶାସନ ପକ୍ଷରୁ ବାତ୍ୟା ଆଶ୍ରୟସ୍ଥଳୀରେ ରଖା ଯାଇଥିଲା। ତେବେ ଜଳଭଣ୍ଡାର କର୍ତ୍ତୃପକ୍ଷଙ୍କ ସୂଚନା ଅନୁଯାୟୀ ୪୧ଟି ଗେଟ ଯୋଗେ ବନ୍ୟା ଜଳ ନିଷ୍କାସନ ହେବ ବୋଲି ସତର୍କ କରାଇ ଦେବା ପରେ ସମ୍ପ୍ରତି ବିନିକା ଅଞ୍ଚଳରେ ଭୟ ସୃଷ୍ଟି ହୋଇଛି । ସମ୍ଭାବ୍ୟ ବନ୍ୟା ମୁକାବିଲା, ନିୟନ୍ତ୍ରଣ ଏବଂ ବନ୍ୟାଞ୍ଚଳରେ ପ୍ରଭାବିତ ହେବାକୁ ଥିବା ପରିବାରକୁ ସମସ୍ତ ପ୍ରକାର ସାହାଯ୍ୟ ଓ ସୁରକ୍ଷା ପ୍ରଶାସନିକ ସ୍ତରରେ ଯୋଗାଇ ଦେବାର ସୁବ୍ୟବସ୍ଥା ନେଇ ବିନିକା ନଗରପାଳ ସୁବାସ ଚନ୍ଦ୍ର ଭୋଇଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀ ବୈଠକ ସ୍ଥାନୀୟ ପରିଷଦ ସଭାଗୃହଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା । ଏଥିରେ ବିଭିନ୍ନ ବିଭାଗର ପ୍ରଶାସନିକ ଅଧିକାରୀ ତହସିଲଦାର, ବିଡ଼ିଓ, ମେଡିକାଲ ଅଫିସର, କାର୍ଯ୍ୟନିର୍ବାହୀ ଅଧିକାରୀ, ଭାରପ୍ରାପ୍ତ ପୋଲିସ ଅଧିକାରୀ, ଅଗ୍ନିଶମ ଅଧିକାରୀ, ସିଡିପିଓ, ଗୋଷ୍ଠି ଶିକ୍ଷା ଅଧିକାରୀ, ସିଦ୍ଧାର୍ଥ ଡିଗ୍ରୀ କଲେଜ ଅଧକ୍ଷ, ଜୁନିଅର କଲେଜ ଅଧକ୍ଷ ପ୍ରମୁଖ ଏହି ବୈଠକରେ ସାମିଲ ହୋଇଥିଲେ।

# ୭୫ ୟୁନିଟ୍ ରକ୍ତ ସଂଗ୍ରହ

ଅମରପାଲି,୧୬।୮(ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପକଣ୍ଠ ଉଫୁଲା ପଞ୍ଚାୟତ କାର୍ଯ୍ୟାଳୟରେ ମଙ୍ଗଳବାର ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଉଫୁଲା ପଞ୍ଚାୟତ ଓ ଓଡିଶା ମୋ ପରିବାର ଆନୁକୂଲ୍ୟରେ ଅନୁଷ୍ଠିତ ଶିବିରକୁ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପଞ୍ଚାୟତ ସମିତି ଅଧକ୍ଷା ଶାନ୍ତି ଲୁହା, ଉପାଧକ୍ଷ ନାରାୟଣ ଲୁହା, ଉଫୁଲା ସରପଞ୍ଚ ଶ୍ରୀୟା କର୍ମୀ, ଓଡିଶା ମୋ ପରିବାର ଜିଲା ସଂଯୋଜକ ରଞ୍ଜିତ ରଥ, ଚମ୍ପାମାଳ ସରପଞ୍ଚ ମହେନ୍ଦ୍ର ଜଗଦଲା, ହିଲୁଙ୍ଗ ସମିତି ସଭ୍ୟ ଶୈଳରଞ୍ଜନ ବାଦୀ, ସାମ୍ବାଦିକ ସଂଘ ସଭାପତି ସ୍ୱୟମ୍ଭୁନାଥ ଖଣ୍ଡଗିରୀ, ବିଡିଓ ମୋତିଲାଲ ସୁଲିଆ, ପୂର୍ବତନ ସରପଞ୍ଚ ଗୁପ୍ତେଶ୍ୱର ଅମାତ, ପ୍ରଦୀପ ମିଶ୍ର ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ମିନକେତନ ମହାକୁର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶିବିରରେ ୭୫ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ସୋନପୁର ରକ୍ତଭଣ୍ଡାର କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ।



ଉଫୁଲାରେ ଅନୁଷ୍ଠିତ ଶିବିରରେ ଜଣେ ରକ୍ତଦାତା ରକ୍ତଦାନ କରୁଛନ୍ତି।

# ଯବାନ, କିଷାନ କଲେ ପତାକା ଉତ୍ତୋଳନ

ବରଗଡ଼ ଅଫିସ୍,୧୬।୮

ବରଗଡ଼ ରାଣାପ୍ରତାପ ହାଇସ୍କୁଲରେ ସୋମବାର ନିଆରା ଭାବେ ୭୬ତମ ସ୍ୱାଧୀନତା ଦିବସ ପାଳିତ ହୋଇଛି। ଦେଶବ୍ୟାପୀ ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରରେ ଆଜାଦୀ କା ଅମୃତ ମହୋତ୍ସବ ପାଳନ କରାଯାଉଥିବା ବେଳେ ଏହି ଦିବସ ସ୍ମରଣ କରିବା ପାଇଁ ଏଠାରେ ଉଭୟ ଯବାନ ଏବଂ କିଷାନଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ପ୍ରଧାନ ଶିକ୍ଷକ ସୁଦୀପ ରଥଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସେବା ନିବୃତ୍ତ ସୈନିକ ଆଶିଷ ପ୍ରଧାନ ଏବଂ ଚାଷୀ ଯୋଦ୍ଧାଜିତ ପଟେଲ ଅତିଥି ଭାବେ ଯୋଗଦେବା ସହିତ ପତାକା ଉତ୍ତୋଳନ କରିଥିଲେ। ବିଦ୍ୟାଳୟ ତରଫରୁ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଛାତ୍ରୀଛାତ୍ର ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଡାକ୍ତର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

# ମାହେଶ୍ୱରୀ ନର୍ସିଂ କଲେଜରେ ସ୍ୱାଧୀନତା ଦିବସ

ବରଗଡ଼ ଅଫିସ୍,୧୬।୮

ବରଗଡ଼ ଭଟଲି ଛକସ୍ଥିତ ମାହେଶ୍ୱରୀ ନର୍ସିଂ କଲେଜରେ ସ୍ୱାଧୀନତା ଦିବସ ପାଳିତ ହୋଇଛି। ଉକ୍ତ କଲେଜର ସମ୍ପାଦିକା ସନ୍ତୋଷିନୀ କର୍ଣ୍ଣ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। କଲେଜ ଅଧ୍ୟକ୍ଷ ସୁନୀତାରାଣୀ ବାଗ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବରଗଡ଼ ସାଇକୃପା ନର୍ସିଂହୋମ୍‌ର ଡା. ଅରୂପାନନ୍ଦ ସାହୁ ଉପସ୍ଥିତ ରହି ଉଦ୍‌ବୋଧନ ଦେଇଥିଲେ। କଲେଜର ଛାତ୍ରୀମାନେ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।



ମାହେଶ୍ୱରୀ ନର୍ସିଂ କଲେଜରେ ପତାକା ଉତ୍ତୋଳନ କରାଯାଉଛି।

# ସ୍ୱାଧୀନତା ଦିବସରେ ଦେଶାତ୍ମବୋଧକ କବିତା ପାଠ

ଅମରପାଲି,୧୬।୮ (ଡି.ଏନ.ଏ)



ତରଭା ଏନଏସି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ କବିତା ପାଠୋତ୍ସବରେ ଅତିଥି ଓ କବିମାନେ।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସଭାଗୃହରେ ଓଡିଶା ସାହିତ୍ୟ ଏକାଡେମୀ ଆନୁକୂଲ୍ୟରେ ଦେଶାତ୍ମବୋଧକ ସ୍ୱରଚିତ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସାହିତ୍ୟ ଏକାଡେମୀ ଆନୁକୂଲ୍ୟରେ ଆୟୋଜିତ ସଭାରେ ସପ୍ତଦୀପ ସାହିତ୍ୟ ସଂସଦ ସଭାପତି ଦ୍ୱିତୀକୃଷ୍ଣ ପଣ୍ଡା ସଭାପତିତ୍ୱ କରିଥିଲେ। ବୀରମହାରାଜପୁର ପଞ୍ଚାୟତ ସମିତି ଅଧକ୍ଷା ଶାନ୍ତି ଲୁହା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। କବି ଲକ୍ଷ୍ମୀ ନାରାୟଣ ସାହୁ କବିତା ସଂଯୋଜନା କରିଥିବା ବେଳେ ଯୁଗଳ କିଶୋର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । କବି ମେଘନାଦ ଭୋଇ, ହରିହର ସିଂ ବାବୁ, ଅନ୍ତର୍ଯ୍ୟାମୀ ରଥ, ଅଧ୍ୟାପକ ଯାଜ୍ଞେଶ୍ୱର ବିଶି, କିଶୋର ହୋତା, ସନ୍ତୋଷିନୀ ନାୟକ, ଅକ୍ରୁର ହୋତା, ରାଧେଶ୍ୟାମ ମିଶ୍ର, ଅକ୍ଷୟ ରାଏ, ଗିରିଧାରୀ ହୋତା, ଶୁଭ୍ରାଂଶୁ ପାଢି, ଭଗବାନ ବାଘ, ମନରଞ୍ଜନ ଦାଶ, ଯୁଧିଷ୍ଠିର ଖମାରି, ପ୍ରହ୍ଲାଦ ନାଏକ, ସୁବ୍ରତ ପଣ୍ଡା ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟ ଡ଼. ଦେବାଶିଷ ପାଣ୍ଡିଆଙ୍କ ସୁବର୍ଣ୍ଣପୁରର ସନ୍ଥ ସାହାଯ୍ୟ ପରମ୍ପରା ପୁସ୍ତକକୁ ଉନ୍ମୋଚନ କରାଯାଇଥିଲା।

ସେହିପରି ତରଭା ବିଜ୍ଞାପିତ ଅଞ୍ଚଳ ପରିଷଦ ସମ୍ମିଳନୀ କକ୍ଷରେ କୋଶଳ ସାହିତ୍ୟ ଏକାଡେମୀ ସଭାପତି ଦେବେନ୍ଦ୍ର କୁମାର ନାୟକଙ୍କ ଅଧକ୍ଷତାରେ ସ୍ୱରଚିତ ଦେଶାତ୍ମବୋଧକ କବିତା ପାଠ ଅନୁଷ୍ଠିତ ହୋଇଥିଲା। ଶିକ୍ଷାବିତ୍ ପ୍ରଦୀପ କୁମାର ମାହାଣା ମୁଖ୍ୟ ଅତିଥି, କୋଶଳ ସାହିତ୍ୟ ଏକାଡେମୀ ସମ୍ପାଦକ ରାଜେନ୍ଦ୍ର ଝାଙ୍କର ମୁଖ୍ୟବକ୍ତା, ଅନ୍ତର୍ଯ୍ୟାମୀ ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇ ଥିଲେ। ଆୟୋଜକ ଲୋକନାଥ ଦଳବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ପରେ କୋଶଳ ସାହିତ୍ୟ ଏକାଡେମୀ ସହଯୋଗିତା ଓ କବୟିତ୍ରୀ ଚନ୍ଦ୍ରାବତୀ ପାଣ୍ଡେଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠରେ ୨୦ଜଣ କବୟିତ୍ରୀ, କବି ସ୍ୱରଚିତ ଦେଶାତ୍ମବୋଧକ କବିତା ଆବୃତ୍ତି କରିଥିଲେ। ସଂଯୋଜକ ଦେବେନ୍ଦ୍ର କୁମାର ନାଏକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୁବକବି ହିରଣ୍ମୟ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।